## ଏକକ - ୩ ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣର ଶୈକ୍ଷିକ ବିଚାର

ଟିପ୍ପଣୀ

**ସଂରଚନା:**

୩.୦ - ଉପକ୍ରମ

୩.୧ - ଶିକ୍ଷଣ ଉଦ୍ଦେଶ୍ୟ

୩.୨ - ପରିବେଶ ଅଧ୍ୟୟନର ଗୁଣାବଳୀ

 ୩.୨.୧ - ପରିବେଶ ଅଧ୍ୟୟନ : ଏକ ମିଶ୍ରିତ କ୍ଷେତ୍ର

 ୩.୨.୨ - ପରିବେଶ ଅଧ୍ୟୟନର ପ୍ରାସଙ୍ଗିକତା

 ୩.୨.୩ - ପରିବେଶ ଅଧ୍ୟୟନ : ଶିକ୍ଷାର୍ଥୀ କୈନ୍ଦ୍ରିକ

 ୩.୨.୪ - ଭୁଲ୍ ଠିକ୍‌ର ବିଚାରହୀନତା / ନା ଭୁଲ, ନା ଠିକ୍

 ୩.୨.୫ - ମୂଲ୍ୟବୋଧ : ପରିବେଶ ଅଧ୍ୟୟନର ଏକ ଅବିଚ୍ଛେଦ୍ୟ ଅଙ୍ଗ

୩.୩ - ପିଲା ଶିଖନ୍ତି କିପରି ?

୩.୪ - ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣର ଶୈକ୍ଷିକ ସଂଗଠନ

 ୩.୪.୧ - ଶିକ୍ଷାର୍ଥୀର ପରିବେଶ : ଶିକ୍ଷଣ ପ୍ରୟୋଗଶାଳା

 ୩.୪.୨ - ଶିକ୍ଷାଲାଭ ପାଇଁ ସୁଗମ : ଜଣାରୁ ଅଜଣା, ମୂର୍ତ୍ତରୁ ଅମୂର୍ତ୍ତ

 ୩.୪.୩ - ଶ୍ରେଣୀ କକ୍ଷରେ ବାସ୍ତବ ଜୀବନ ଭିତ୍ତିକ ଶିକ୍ଷଣ ପରିକଳ୍ପନା

 ୩.୪.୪ - ବିଷୟ ସଂଯୋଗ ଓ ବାହ୍ୟ ସଂପୃକ୍ତ

 ୩.୪.୫ - ପ୍ରଶ୍ନ ଓ ସଂଳାପ ପାଇଁ ପ୍ରୋତ୍ସାହନ

 ୩.୪.୬ - 'ପରିବେଶ ଅଧ୍ୟୟନ' ଶିକ୍ଷକ ଭାବେ ତୁମର ଭୂମିକା

୩.୫ - ପରିବେଶ ଅଧ୍ୟୟନ : ଶିକ୍ଷାର୍ଥୀର ଭାବନାକୁ ସଂପ୍ରସାରିତ କରେ

୩.୬ - ସାରାଂଶ

୩.୭ - ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୩.୮ - ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୩.୯ - ପାଠାନ୍ତ ପ୍ରଶ୍ନାବଳୀ

୩.୦ - ଉପକ୍ରମ

ପ୍ରାରମ୍ଭିକ ସ୍ତରରେ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ନିମିତ୍ତ ମୁଖ୍ୟ ବିଷୟ ଭାବେ ଭାଷା, ଗଣିତ ଓ ପରିବେଶ ଅଧ୍ୟୟନକୁ ଗ୍ରହଣ କରାଯାଇଛି । ପରିବେଶ ଅଧ୍ୟୟନ ମାଧ୍ୟମରେ ପରିବେଶରେ ଘଟୁଥିବା ଘଟଣା ଏବଂ ପ୍ରକ୍ରିୟାକୁ ବିଜ୍ଞାନ ଓ ସାମାଜିକ ବିଜ୍ଞାନକୁ ସମନ୍ୱିତ କରି ଶିକ୍ଷାର୍ଥୀ ବୁଝିଥାଏ । ଗତାନୁଗତିକ ବିଜ୍ଞାନ ଓ ସାମାଜିକ ପାଠ ମିଶ୍ରିତ ହୋଇ ପରିବେଶ ଅଧ୍ୟୟନ ବିଷୟ କ୍ଷେତ୍ର ପ୍ରସ୍ତୁତ ହୋଇଛି ।

ଦ୍ୱିତୀୟ ଏକକରେ ତୁମେ ଜାଣିଲ, ପରିବେଶ ଅଧ୍ୟୟନ ଶିକ୍ଷାଦାନ- ଶିକ୍ଷଣର ଉଦ୍ଦେଶ୍ୟ ପରିବେଶ ପାଠ ଶିକ୍ଷଣକୁ ଗୁରୁତ୍ୱ ଦେବା ଦ୍ୱାରା ସମ୍ପାଦିତ ହୋଇଥାଏ ଏବଂ ପରିବେଶ ସଂପର୍କରେ ଶିକ୍ଷାର୍ଥୀମାନେ ଅଧିକ ସଚେତନ ହେବେ, ପରିବେଶର ଉନ୍ନତି ନିମିତ୍ତ ଶିକ୍ଷାର୍ଥୀ ନିଜର ସାଧ୍ୟମତେ ଦୃଷ୍ଟି ଦେବେ ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରିବେ ।

ଏହି ଅଧ୍ୟାୟରେ, ପରିବେଶ ଅଧ୍ୟୟନର ପ୍ରମୁଖ ଲକ୍ଷଣ ସଂପର୍କରେ ଅନୁଧ୍ୟାନ କରିବା ସହିତ ଏହାର ନିହିତାର୍ଥ ଦ୍ୱାରା ଶିକ୍ଷାର୍ଥୀର ଶିକ୍ଷଣ ଅନୁଭୂତିକୁ ସଂଗଠିତ କରିବାକୁ ଗୁରୁତ୍ୱ ଦିଆଯାଇଛି । ପାଠ୍ୟକ୍ରମ ବ୍ୟବସ୍ଥା ଭିତ୍ତିରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା କିପରି ଫଳପ୍ରଦ ହେବ ତାହା ଏହି ଅଧ୍ୟାୟରେ ଆଲୋଚିତ ହୋଇଛି ।

**୩.୧ - ଶିକ୍ଷଣ ଉଦ୍ଦେଶ୍ୟ**

ଏହି ଏକକ ଅଧ୍ୟୟନ କରିବା ପରେ ତୁମେ ଜାଣିବାକୁ ସମର୍ଥ ହେବ-

* ମିଶ୍ରିତ ବିଷୟ ଭାବେ 'ପରିବେଶ ଅଧ୍ୟୟନ' ର ବୈଶିଷ୍ଟ୍ୟକୁ ବ୍ୟାଖ୍ୟା କରିବାରେ ।
* ଏହି ବୈଶିଷ୍ଟ୍ୟଗୁଡିକର ନିହିତାର୍ଥର ଯଥାର୍ଥତାକୁ ଭିତ୍ତିକରି ଶିକ୍ଷାଦାନ - ଶିକ୍ଷଣ ଅନୁଭୂତି ଯୋଜନା ପ୍ରସ୍ତୁତ କରିବାରେ ।
* ଉପଯୁକ୍ତ ଶିକ୍ଷାଦାନ - ଶିକ୍ଷଣ କୌଶଳ ମାଧ୍ୟମରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ସଂପାଦାନ କରିବା ପାଇଁ ଉପଯୁକ୍ତ ଶିକ୍ଷାଦାନ ଶିକ୍ଷଣ କୌଶଳର ବ୍ୟବହାର କରିବାରେ ।

**୩.୨ - ପରିବେଶ ଅଧ୍ୟୟନର ବୈଶିଷ୍ଟ୍ୟ**

ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନରେ ଥିବା ସ୍ୱତନ୍ତ୍ର ଗୁଣାବଳୀ ଅନ୍ୟାନ୍ୟ ବିଷୟରେ ନାହିଁ । ଏହା ଅନ୍ୟ ବିଷୟ ଠାରୁ କିପରି ଭିନ୍ନ ତାହା ନିମ୍ନରେ ଆଲୋଚନା କରାଯାଇଛି -

**୩.୨.୧ - ପରିବେଶ ଅଧ୍ୟୟନ : ଏକ ମିଶ୍ରିତ କ୍ଷେତ୍ର**

ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଏକ ଏକକ ଅଧ୍ୟୟନ କ୍ଷେତ୍ର । ଭୌତିକ, ଜୈବିକ, ରାସାୟନିକ, ସାମାଜିକ, ସାଂସ୍କୃତିକ ଏବଂ ଅନ୍ୟ ପରିମେୟ ପରିସର କ୍ଷେତ୍ରରୁ ଶିକ୍ଷଣ ଅନୁଭୂତି ଓ ବିଷୟ ସଂଗ୍ରହ କରି ଏହାକୁ ଏକ ମିଶ୍ରିତ କ୍ଷେତ୍ର ରୂପେ ପରିକଳ୍ପନା କରାଯାଇଛି ।

ପାଠ୍ୟକ୍ରମ ବିଷୟ ଭାବେ ଖାଦ୍ୟ , ବାସସ୍ଥଳୀ, ଜଳ, ଭ୍ରମଣ ଆଦି ବିଷୟ ଏଥିରେ ସଂଗଠିତ ହୋଇଛି । ଦୁଇରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ବିଷୟକୁ ସମନ୍ୱିତ କରି ଏହାର ବିଷୟ ବସ୍ତୁ ସଂଗଠିତ ହୋଇଛି । ଏହାଦ୍ୱାରା

ଶିକ୍ଷାର୍ଥୀମାନେ ବିଭିନ୍ନ ବିଷୟକୁ ପରସ୍ପର ମଧ୍ୟରେ ସଂପର୍କୀତ ଓ ସଂଯୁକ୍ତ କରି ବୁଝିପାରିବେ, ବିଭାଜିତ ଭାବେ ନୁହେଁ । ପ୍ରତ୍ୟେକ ପ୍ରସଙ୍ଗ ପାଇଁ ଧାରଣା ଓ ଦକ୍ଷତା ସୂଚିତ ହୋଇଛି । ପ୍ରସଙ୍ଗ ଜାଲ (Theme web) ଧାରଣା ଓ ଦକ୍ଷତାକୁ ସଂପର୍କୀତ କରି ପ୍ରସ୍ତୁତ ହୋଇଛି । ପର ଏକକରେ ଏସଂପର୍କରେ ଅଧିକ ଆଲୋଚନା କରାଯିବ ।

ଶିକ୍ଷାର୍ଥୀ ନିଜର ଅନୁଭୂତିର ସଂଯୋଗ ଓ ସଂପର୍କ ଯୋଡି ଅମୂର୍ତ୍ତ ଧାରଣା (Abstract Concept) କୁ ବୁଝିବାକୁ ସମର୍ଥ ହୋଇଥାଏ ଏବଂ ଉଚ୍ଚ ସ୍ତରର ଶିକ୍ଷାରେ ପରିବେଶ କ୍ଷେତ୍ର ସଂପର୍କରେ ଜାଣିବାକୁ ସମର୍ଥ ହୋଇଥାଏ ।

### ୩.୨.୨ ପରିବେଶ ଅଧ୍ୟୟନର ପ୍ରାସଙ୍ଗିକତା

ପରିବେଶ ଅଧ୍ୟୟନର ପ୍ରସଙ୍ଗ ହେଉଛି ପରିବେଶ । ଏହା ଶିକ୍ଷାର୍ଥୀଙ୍କୁ ପରିବେଶ ଅଭିମୁଖୀ କରିଥାଏ । ଭିନ୍ନ ଭିନ୍ନ ସ୍ଥଳରେ ପରିବେଶର ଭିନ୍ନତା ହେତୁ ପରିବେଶ ଗଢ଼ି ବୋଧଗମ୍ୟତା ପାଇଁ ଶିକ୍ଷାଦାନ- ଶିକ୍ଷଣ ବେଳେ ଉଦାହରଣ, ଘଟଣା ଏବଂ ଅଭ୍ୟାସ ଭିନ୍ନତା ରହେ । ମାନବ ଇତିହାସର କୌଣସି ନିର୍ଦ୍ଦିଷ୍ଟ ଘଟଣାର ବ୍ୟାଖ୍ୟା ଆଲୋଚନା ବେଳେ ପାର୍ବତ୍ୟାଞ୍ଚଳ ହେଉ ବା ଉପକୂଳବର୍ତ୍ତୀ ସହର ହେଉ, ଆଲୋଚନା ସମାନ ହୁଏ ଅର୍ଥାତ୍ ସାମ୍ୟତା ଥାଏ । ଜାମ୍ମୁ ଓ କାଶ୍ମୀର, ତାମିଲନାଡୁ ଅବା ମିଜୋରାମରେ ତୁମ ବିଦ୍ୟାଳୟ ଥାଉ, ତେବେ ଭାରତର ସ୍ୱାଧିନତା ଆନ୍ଦୋଳନରେ ୧୮୫୭ ମସିହାର ଗୁରୁତ୍ୱ ବ୍ୟାଖ୍ୟା ବେଳେ ଆଲୋଚନା ଏକା ପ୍ରକାର ହୁଏ । ସେହିପରି ଜଣେ ଶିକ୍ଷକ 'ଜଳର ଧର୍ମ' ସଂପର୍କରେ ବିଜ୍ଞାନ ଭିତ୍ତିକ ବ୍ୟାଖ୍ୟା କଲାବେଳେ ସମୟ, ସ୍ଥାନ ଭେଦରେ ବିଚାରର କୌଣସି ପାର୍ଥକ୍ୟ ରହେ ନାହିଁ ।

ପରିବେଶ ଅଧ୍ୟୟନ କ୍ଷେତ୍ରରେ ବଢ଼ନ୍ତୁ ଏହା ସମ୍ଭବ ନୁହେଁ, ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା 'ପରିବେଶ ଅଧ୍ୟୟନ'ଧାରଣା ଦେଲାବେଳେ ସ୍ଥାନ ଓ ସମୟ ମଧ୍ୟରେ ପାର୍ଥକ୍ୟ ରହେ । ଉଦାହରଣ ସ୍ୱରୂପ,ଖାଦ୍ୟ ଅଭ୍ୟାସ' ଶିକ୍ଷାଦାନ-ଶିକ୍ଷଣ ବେଳେ ଏକା ପ୍ରକାର ଯୋଜନା ଓ ପନ୍ଥା ଅବଲମ୍ବନ କରାଯାଇପାରିବ ନାହିଁ । ସ୍ଥାନ ଭେଦରେ ପାର୍ଥକ୍ୟ ରହିବ । ତେଣୁ ତୁମ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ପରିବେଶ ଅଧ୍ୟୟନର ଶିକ୍ଷାଦାନ - ଶିକ୍ଷଣ କ୍ଷେତ୍ର ଅତ୍ୟନ୍ତ ପ୍ରସଙ୍ଗ ଭିତ୍ତିକ ବୋଲି ଜାଣିରଖ । ଏହା ଅତ୍ୟନ୍ତ ପ୍ରସଙ୍ଗ ଭିତ୍ତିକ ବୋଲି କହିବାର କାରଣ ହେଉଛି । ପରିବେଶ ସଂପର୍କରେ ଭାବନାଶକ୍ତି ଓ ଉପଲବ୍ଧି ସ୍ଥାନରୁ ସ୍ଥାନ, ସମୟରୁ ସମୟ ଏବଂ ଗୋଷ୍ଠୀ ରୁ ଗୋଷ୍ଠୀ ମଧ୍ୟରେ ଭିନ୍ନତା ରହେ । ସମସ୍ୟାରେ ମଧ୍ୟ ଭିନ୍ନତା ଥାଏ । ତେଣୁ ଶିକ୍ଷକ ଭାବେ ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣ ସମୟରେ ଏହି ବିଷୟ ପ୍ରତି ଗୁରୁତ୍ୱ ଦେଇ ଶିକ୍ଷାର୍ଥୀ ମାନଙ୍କୁ ଶିକ୍ଷାଦାନ ପ୍ରଦାନ କରିବା ବିଧେୟ ।

### ୩.୨.୩ - ପରିବେଶ ଅଧ୍ୟୟନ : ଶିକ୍ଷାର୍ଥୀ କୈନ୍ଦ୍ରିକ

ପରିବେଶ ଅଧ୍ୟୟନର ଶିକ୍ଷକ ଭାବେ ନିଜର ବକ୍ତବ୍ୟକୁ ପ୍ରାଧାନ୍ୟ ଦେବା ଅନାବଶ୍ୟକ । ଶିକ୍ଷାର୍ଥୀମାନେ କେବଳ ତୁମର ବକ୍ତବ୍ୟର ଶ୍ରୋତା ନୁହଁନ୍ତି , ଅପରନ୍ତୁ ତୁମେ ସେମାନଙ୍କର ପ୍ରଶଂସା ଭାଜନ ହେବା ଆବଶ୍ୟକ; ପ୍ରଶଂସାର କେନ୍ଦ୍ର ଓଲଟା ହେବା ଦରକାର ।

ପରିବେଶ ଅଧ୍ୟୟନ ଶିକ୍ଷକ-କୈନ୍ଦ୍ରିକ (teacher centred)ନୁହେଁ, ଶିକ୍ଷାର୍ଥୀ କୈନ୍ଦ୍ରିକ (child centred) । ଶିକ୍ଷାଦାନ ଅପେକ୍ଷା ଶ୍ରେଣୀ ଶିକ୍ଷଣକୁ ପ୍ରାଧାନ୍ୟ ଦେଇ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସଂପାଦିତ

ଟିପ୍ପଣୀ

ହୋଇଥାଏ । ପ୍ରତ୍ୟେକ ପିଲା ବିଦ୍ୟାଳୟକୁ ଆସିଲାବେଳେ ସେମାନଙ୍କର ନିଜର ଉପଲବ୍ଧି ଏବଂ ଅଭିଜ୍ଞତାକୁ ସାଙ୍ଗରେ ନେଇ ଆସିଥାନ୍ତି । ନିଜର ପରିବେଶ ସଂପର୍କରେ ସେମାନଙ୍କର ଧାରଣା ଥାଏ । ପରିବେଶରେ ଥିବା ବସ୍ତୁ ଓ ଅଭିଜ୍ଞତା ସହିତ ଶିକ୍ଷାର୍ଥୀ ନିଜର ମୌଳିକ ଅନୁଭୂତିକୁ ଯୋଡ଼ି ନିଜର ଜ୍ଞାନ ସଂଗଠନ କରିଥାଏ । ତେଣୁ ପ୍ରତ୍ୟେକ ପିଲାର ନିଜର ପୃଷ୍ଠଭୂମି ଏବଂ ଅସ୍ଫୁଟ ସାମର୍ଥ୍ୟ ଅଛି, ଯାହା ପିଲାମାନେ ନିଜର ପରିବେଶରୁ ଜ୍ଞାନ ଆହାରଣ କରି ନୂତନ ଜ୍ଞାନ ବ୍ୟବସ୍ଥିତ କରିପାରିବ ।

ଶିକ୍ଷାର୍ଥୀମାନଙ୍କ ପାଇଁ ପରିବେଶ ଅଧ୍ୟୟନର ଉପଯୁକ୍ତ ଶିକ୍ଷଣ ଅନୁଭୂତି ଓ ପରିସ୍ଥିତି ହେଉଛି ସେମାନଙ୍କର ପାରିପାର୍ଶ୍ୱିକ ପରିବେଶ । ସେମାନଙ୍କୁ ଘେରି ରହିଥିବା ବିଶ୍ୱକୁ ସେମାନେ ଅନୁସନ୍ଧାନ, ପର୍ଯ୍ୟବେକ୍ଷଣ କରିପାରିବେ ଏବଂ ସେମାନଙ୍କର ପରିବେଶ ପ୍ରତି ଥିବା ଦୃଷ୍ଟୀଭଙ୍ଗୀ ମଧ୍ୟ ସଂପ୍ରସାରିତ ହୋଇ ପାରିବ । ଏହା ଦ୍ୱାରା ସେମାନେ ଉଚ୍ଚତର ଶିକ୍ଷଣ ଓ ଆଚରଣ ସହ ପରିଚିତ ହୋଇପାରିବେ । ଏହି ପନ୍ଥା ଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟାରେ ଅଧିକ ନିଯୁକ୍ତ କରାଯାଇପାରିବ ଏବଂ ଏହା ଦ୍ୱାରା ଶିକ୍ଷଣ ମଧ୍ୟ ଦୀର୍ଘସ୍ଥାୟୀ ହେବ ।

### ୩.୨.୪ - ଭୁଲ୍ ଠିକ୍‌ର ବିଚାରହୀନତା / ନା ଠିକ୍, ନା ଭୁଲ୍

ତୁମେ ନିଜର ଛାତ୍ର ଜୀବନ ଓ ସ୍କୁଲ କଥା ମନେ ପକାଅ । କେତୋଟି ବିଶେଷ ଘଟଣାରେ ପ୍ରକୃତରେ ତୁମେ ପାଠ୍ୟ ପୁସ୍ତକରେ ଥିବା ବିବୃତ୍ତିକୁ ଆହ୍ୱାନ (challenge) ଦେବାକୁ ଉତ୍ସାହିତ ହୋଇ ଅବା ଶିକ୍ଷାଦାନ ବେଳେ ତୁମ ଶିକ୍ଷକ ଦେଇଥିବା ଉଦାହରଣ, ଯାହା ତୁମକୁ ଆଦୌ ପସନ୍ଦ ହୋଇନାହିଁ ? ଏଭଳି କଥା ତୁମେ ସ୍ମରଣ କରିପାରୁଛକି ? ବୋଧହୁଏ, ନା । ଏହାର କାରଣ ହେଉଛି, ଆମର ବର୍ତ୍ତମାନର ଶ୍ରେଣୀଗୃହ ପରିସ୍ଥିତି ଏବଂ ସହଯୋଗୀ ଶିକ୍ଷାଦାନ – ଶିକ୍ଷଣ ପ୍ରକ୍ରିୟା ଜଣେ ଶିକ୍ଷାର୍ଥୀକୁ ପ୍ରଶ୍ନ କରିବା ଓ ତର୍କ କରିବାକୁ ବାରଂବାର ଉତ୍ସାହିତ କରାଏ ନାହିଁ । ଶିକ୍ଷାର୍ଥୀ ଏଥିରୁ ନିବୃତ୍ତି ହେବାର ଅନେକ କାରଣ ରହିଛି, ଏହା ହୁଏତ ବ୍ୟକ୍ତିଗତ, ମନସ୍ତାତ୍ତ୍ୱିକ, ଆବେଗ ପ୍ରବଣତା ଅଥବା ନୈତିକତା । ଆମେ ପୂର୍ବରୁ ଦୃଷ୍ଟାନ୍ତ ଦେଇଛନ୍ତି ଯେ, ଶିକ୍ଷାଦାନ -ଶିକ୍ଷଣର ଏବଂ ଶିକ୍ଷାଦାନ – ଶିକ୍ଷଣ ପାଇଁ 'ପରିବେଶ' ହେଉଛି ପ୍ରାସଙ୍ଗିକ, କୌଣସି ଏକ ମତାମତ ବା ଦୃଷ୍ଟିଭଙ୍ଗୀ (view point)ପ୍ରତ୍ୟେକ ପରିସ୍ଥିତିରେ ଠିକ୍ ହୋଇ ରହେ ନାହିଁ ।

ଶିକ୍ଷକ ଭାବେ, ତୁମର ଭୂମିକା ହେଉଛି ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବାକୁ ଏବଂ ଗଭୀର ଭାବେ ଅନୁସନ୍ଧାନ କରିବାକୁ ଉତ୍ସାହିତ କରିବା । ଏହାଦ୍ୱାରା ସେ ଗଭୀର ଭାବେ ଅଧ୍ୟୟନ କରିବ ଏବଂ ଆବିଷ୍କାର ମଧ୍ୟ କରିପାରିବ । ତୁମେ ମଧ୍ୟ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ମନରେ ଯେତେବେଳେ ଯାହା ପ୍ରଶ୍ନ ଆସିବ ତାହା ପଚାରିବା ପାଇଁ ପ୍ରରୋଚନା ଦେବ ଏବଂ ପ୍ରବର୍ତ୍ତାଇବ ମଧ୍ୟ । ତେଣୁ ତୁମେ ଶିକ୍ଷାଦାନ – ଶିକ୍ଷଣ ପାଇଁ ଉପଯୁକ୍ତ କୌଶଳ ଅବଲମ୍ବନ କରିବ ଯାହାଦ୍ୱାରା ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସ୍ୱୟଂଚାଳିତ ହେବ ଏହା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ପରିବେଶ ଅଧ୍ୟୟନରେ କେଉଁଟି ବି ସଂପୂର୍ଣ୍ଣ ଠିକ୍ ବା ଭୁଲ୍ ନୁହେଁ ବୋଲି ତୁମେ ଶିକ୍ଷାର୍ଥୀମାନଙ୍କୁ ବୁଝେଇ ଦେବ । ବର୍ତ୍ତମାନ ଯେଉଁ 'କାର୍ଯ୍ୟ' ସକାରତ୍ମକ ବୋଲି ମନେ ହେଉଛି, ତାହା ଅନ୍ୟସ୍ଥାନ, ଅଞ୍ଚଳ ବା ପ୍ରସଙ୍ଗରେ ହୁଏତ ନକାରତ୍ମକ ବା ଅପ୍ରାସଙ୍ଗିକ ବୋଲି ଆବିଷ୍କୃତ ହୋଇପାରେ ।

### ୩.୨.୫ - ମୂଲ୍ୟବୋଧ : ପରିବେଶ ଅଧ୍ୟୟନର ଏକ ଅବିଚ୍ଛେଦ୍ୟ ଅଙ୍ଗ

ଦ୍ୱିତୀୟ ଏକକ ମନେ ପକାନ୍ତୁ । ଶିକ୍ଷାର୍ଥୀମାନେ ପରିବେଶ ଅଧ୍ୟୟନ ବୁଝିବାକୁ ହେଲେ ସେମାନଙ୍କର ସକରାତ୍ମକ ପରିବେଶ ମନୋଭାବ ଓ ମୂଲ୍ୟବୋଧ ଆବଶ୍ୟକ । ପରିବେଶ ଅଧ୍ୟୟନରେ କ'ଣ ସବୁ ମୂଲ୍ୟବୋଧ ଅଛି, ଯାହା ଶିକ୍ଷାର୍ଥୀମାନଙ୍କର ଉନ୍ନତି ପାଇଁ ଆବଶ୍ୟକ ? ଅବଶ୍ୟ ଏ ଭିତରୁ ଅନେକ ଅଧିକ ଗ୍ରହଣ ଯୋଗ୍ୟ ହୋଇଛି 'ସାର୍ବଜନୀନ ମୂଲ୍ୟବୋଧକଙ୍କୁ' ଶିକ୍ଷାର୍ଥୀର ନିଜ ଗୃହ (ସାମାଜିକ ଓ ପ୍ରାକୃତିକ) ପରିବେଶ ଲାଳନପାଳନ ପ୍ରକ୍ରିୟା, ବିଶ୍ୱାସ ଓ ଧର୍ମ ବିଶ୍ୱାସ, ସାମାଜିକ ପ୍ରଥା ଇତ୍ୟାଦିର ସମନ୍ୱୟରେ ତାର ମୂଲ୍ୟବୋଧ ନିର୍ଦ୍ଧାରିତ ହୁଏ । ତେବେ ମନେ ରଖନ୍ତୁ, ମୂଲ୍ୟବୋଧ ପରିବେଶ ଅଧ୍ୟୟନ ସହ ସମନ୍ୱିତ ହୋଇଛି କାରଣ ପରିବେଶ ଅଧ୍ୟୟନ ଶିକ୍ଷାର୍ଥୀର ମନସ୍ତତ୍ତ୍ୱ ଭିତ୍ତିକ ଏବଂ ଏଥିପ୍ରତି ବିଶେଷ ପ୍ରାଧାନ୍ୟ ଦିଆଯାଇଛି ।

ପ୍ରତ୍ୟେକଙ୍କୁ ସମ୍ମାନ ଦେବା, ଜୈବିକ, ସାମାଜିକ, ସାଂସ୍କୃତିକ ଏବଂ ଧର୍ମୀୟ ଇତ୍ୟାଦି, କ୍ଷେତ୍ରରେ ବିବିଧତାକୁ ପ୍ରଶଂସା କରିବା, ପାର୍ଥକ୍ୟକୁ ଗ୍ରହଣ କରିବା, ବହୁବିଧ ମତକୁ ସ୍ୱାଗତ କରିବା, ଶାନ୍ତି, ଦୟା ଏବଂ ସହନଶୀଳତା ଆଦି ମୂଲ୍ୟବୋଧ ପରିବେଶ ଅଧ୍ୟୟନରେ ସମନ୍ୱିତ ହୋଇଛି । ଏସବୁ ମୂଲ୍ୟବୋଧକୁ ବୁଝିଲେ ଉପଯୁକ୍ତ ଶିକ୍ଷଣ ଅଭିଜ୍ଞତା, ଯୋଜନା ଓ ସଂଗଠନ ପାଇଁ ଏହା ସାହାଯ୍ୟ କରିବ ଏବଂ ଶିକ୍ଷାର୍ଥୀର ବିକାଶରେ ସହାୟକ ହେବ ।

ଏହା ମଧ୍ୟ ମନେରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ବେଳେ ମୂଲ୍ୟବୋଧ ଆଲୋଚନା ବେଳେ ବା ବିଚାର କଲାବେଳେ କୌଣସି ବ୍ୟକ୍ତିକୁ ଭଲ ମନ୍ଦ ବୋଲି ସୂଚିତ କାରଯିବ ନାହିଁ କାରଣ ପୂର୍ବରୁ ଏହା କୁହାଯାଇଛି ଯେ, ପ୍ରତ୍ୟେକ ମୂଲ୍ୟବୋଧ ପ୍ରାସଙ୍ଗିକ (ମୋର ପରିବେଶ, ମୋର ସାମାଜିକ ସ୍ଥିତି, ପ୍ରଥାରେ ବିଶ୍ୱାସ ଇତ୍ୟାଦି) । ଏହା ହେଉଛି ମୋର ପ୍ରସଙ୍ଗ ଯେଉଁଠାରୁ ମୁଁ ମୋର ମୂଲ୍ୟବୋଧ ନିର୍ଣ୍ଣୟ କରିବି । ଜଣେ ଶିକ୍ଷକ ଭାବେ ଏହା ତୁମ ପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, ତୁମେ ଉଦ୍ୟମ କରି ତାକୁ ସାହାଯ୍ୟ କରିବା ପାଇଁ ତାର ମୂଲ୍ୟବୋଧ ଧାରାର ସମୀକ୍ଷା କରିବା ପାଇଁ ଶିକ୍ଷାର୍ଥୀର ବ୍ୟକ୍ତିଗତ ପ୍ରାସଙ୍ଗିକତାକୁ ବୁଝିବାକୁ ହେବ ।

### ନିଜ ଅଗ୍ରଗତିର ଆକଳନ - ୧

ଭୁଲ୍ କି ଠିକ୍ ଉତ୍ତର ଦିଅ ଏବଂ ଭୁଲ ବିବୃତ୍ତିକୁ ସଂଶୋଧନ କରି ଲେଖ ।

(କ) 'ପରିବେଶ ଅଧ୍ୟୟନ' ହେଉଛି ଏକମାତ୍ର ବିଷୟ ।

(ଖ) ପରିବେଶ ଅଧ୍ୟୟନର ଶିକ୍ଷକ ଭାବେ ମୋର ଭୂମିକା ସର୍ବୋତ୍ତମ ଭାବେ ସଂପାଦିତ ହୋଇପାରିବ ଯଦି ଗୋଟିଏ ବିଷୟରେ ବିଶେଷଜ୍ଞ ହେବା ସହିତ ବିଷୟ କୈନ୍ଦ୍ରିକ ହେବ ।

(ଗ) ପରିବେଶ ଅଧ୍ୟୟନର ଧାରଣା ଓ ବ୍ୟାଖ୍ୟା ଶିକ୍ଷାର୍ଥୀ ପାଇଁ ପ୍ରାସଙ୍ଗିକ ।

(ଘ) ପରିବେଶ ଅଧ୍ୟୟନର ଶିକ୍ଷକ ଭାବେ, ମୁଁ କେବଳ ଶିକ୍ଷାର୍ଥୀର ମୌଳିକ ବିକାଶ ଓ ପ୍ରଗତି ପ୍ରତି ଧ୍ୟାନ ଦେବି ।

ଟିପ୍ପଣୀ

(ଡ) ପରିବେଶ ଅଧ୍ୟୟନର ଆଦର୍ଶ ଶିକ୍ଷକ ଭାବେ ମୋ ଜୀବନରେ ଯେଉଁ ସବୁ ମୂଲ୍ୟବୋଧ ଅଭ୍ୟାସ କରିଛି ସେସବୁ ମୂଲ୍ୟବୋଧ ମୋର ଶିକ୍ଷାର୍ଥୀ ମଧ୍ୟ ଅଭ୍ୟାସ କରାଇବା ନିଶ୍ଚିତ କରିବ ।

**୩.୩ - ପିଲା ଶିଖନ୍ତି କିପରି**

ଆମେ ଅବଗତ ହେଲେ ଯେ, ପରିବେଶ ଅଧ୍ୟୟନରେ ନିମ୍ନଲିଖିତ ଅନନ୍ୟ ବୈଶିଷ୍ଟ୍ୟ ରହିଛି, ଯଥା :

୧. ଏହା ସ୍ୱାଭାବତଃ ମିଶ୍ର ।

୨. ପରିବେଶ ଅଧ୍ୟୟନ ପ୍ରାସଙ୍ଗିକ ।

୩. ପରିବେଶ ଅଧ୍ୟୟନ ଶିକ୍ଷାର୍ଥୀ କୈନ୍ଦ୍ରିକ ।

୪. ପରିବେଶ ଅଧ୍ୟୟନରେ ସଂପୂର୍ଣ୍ଣ ଭାବେ କୌଣସିଟି ଠିକ୍ ବା ଭୁଲ୍ ନୁହେଁ ।

୫. ମୂଲ୍ୟବୋଧ ପରିବେଶ ଅଧ୍ୟୟନରେ ସମନ୍ୱିତ ହୋଇଛି ।

ଆସନ୍ତୁ, କେତେକ ବିଶିଷ୍ଟ ଦାର୍ଶନିକ କ'ଣ କହିଛନ୍ତି ଜାଣିବା ।

* ପିଲାମାନେ ବାସ୍ତବ ଜୀବନର କାର୍ଯ୍ୟ ଓ କ୍ରିୟାକଳାପ, ଛଳନା ଓ ଅତିବାସ୍ତବ (ଉଦ୍ଭଟ କଳ୍ପନା), ନିୟମ ଓ କର୍ମକର୍ମାଣି ପ୍ରତି ଆଗ୍ରହାନ୍ୱିତ ହୋଇଥାନ୍ତି ।

- ଫ୍ରେଡ଼େରିକ୍ ଫୋବେଲ୍

* ଗୃହ ଜୀବନ ବାହାରେ ବିଦ୍ୟାଳୟ ଜୀବନ ଗଢ଼ିଉଠୁ । ଶିକ୍ଷକମାନେ ପିଲାମାନଙ୍କୁ ଭଲ ଭାବେ ଜାଣନ୍ତୁ, ସେମାନଙ୍କୁ ପର୍ଯ୍ୟବେକ୍ଷଣ କରନ୍ତୁ ଏବଂ ଏକ ଉଦ୍ଦେଶ୍ୟ ଭିତ୍ତିକ ପାଠ୍ୟକ୍ରମ ଯୋଜନା ବଦ୍ଧ ଭାବେ ସଂଗଠିତ କରନ୍ତୁ ।

- ଜନ୍ ଡୁବେ

"ଶିକ୍ଷକ ଏବଂ ପିତାମାତାଙ୍କ ଭୂମିକା ହେଲା, ଏଭଳି ସମ୍ବେଦନଶୀଳ ସମୟ ପ୍ରତି ସଚେତନ ହୋଇ ପିଲାର ଆଗ୍ରହ ପ୍ରତି ଦୃଷ୍ଟି ଦେବେ ଏବଂ ତା ପାଇଁ ଏଭଳି ପରିବେଶର ପରିକଳ୍ପନା କରିବେ ଯାହାଦ୍ୱାରା ସେ ପୂର୍ଣ୍ଣ ସୁଯୋଗ ପାଇ ପରିବେଶରୁ ଅନେକ କିଛି ଶିକ୍ଷାଲାଭ କରିପାରିବ ।"

- ମେରିଆ ମଣ୍ଟେସୋରି

"ଶିକ୍ଷଣ ପ୍ରକ୍ରିୟା ଯେତେଦୂର ସମ୍ଭବ ଆନନ୍ଦଦାୟକ ହେବା ବିଧେୟ ଶ୍ରମଯୁକ୍ତ ନୁହେଁ ।"

- ମହାତ୍ମା ଗାନ୍ଧୀ

"ଶୈକ୍ଷିକ ଚିନ୍ତନ ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ପ୍ରତି ଗୁରୁତ୍ୱ ପ୍ରଦାନ କରେ ଏବଂ ଶିକ୍ଷାର୍ଥୀର ଆବଶ୍ୟକତା ଓ ସାମର୍ଥ୍ୟକୁ ଭିତ୍ତିକରି ପଦକ୍ଷେପ ନେବା ବିଧେୟ ।"

- ଶ୍ରୀ ଅରବିନ୍ଦ



ଟିପ୍ପଣୀ

"ପିଲା ସହଜରେ ଶିଖେ କାରଣ ଏହା ତା' ପାଇଁ ପ୍ରକୃତିର ଦାନ କିନ୍ତୁ ପ୍ରାପ୍ତ ବୟସ୍କମାନେ ସ୍ୱେଚ୍ଛାଚାରୀ, ପ୍ରକୃତିର ଏହି ଦାନକୁ ଉପେକ୍ଷା କରନ୍ତି ଏବଂ ଭାବନ୍ତି ସେମାନେ ଯେଉଁ ଧାରାରେ ଶିକ୍ଷା କରୁଛନ୍ତି, ପିଲା ମଧ୍ୟ ଅନୁରୂପ ଭାବେ ଶିକ୍ଷାପ୍ରାପ୍ତ ହେବ । ଏହା ହେଉଛି ମଣିଷର ଏକ ନିଷ୍ଠୁର ଏବଂ ଅପଚୟ କର ଭ୍ରମ ।"

- ଟେଗୋର

ଅନେକ ଶତାବ୍ଦୀ ଠାରୁ  ଏ ଯାବତ୍ ଶିକ୍ଷାବିତ୍, ଡ଼ାକ୍ତର, ଆଗ୍ରହୀ ପିତାମାତା ପିଲାର ଆଚରଣ ଏବଂ ପ୍ରତିକ୍ରିୟା ପର୍ଯ୍ୟବେକ୍ଷଣ କରି ହୃଦ୍‌ବୋଧ କରିଛନ୍ତି ଯେ, ପିଲାର ଶିକ୍ଷଣ ଶୈଳୀ ଉନ୍ନତ ଧରଣର । ତୁମେ ଜାଣ ଯେ, ଗତଦୁଇ ଶତାବ୍ଦୀ ଧରି ଏ ସଂପର୍କରେ ଗବେଷଣା ଏବଂ ବିଶ୍ଲେଷଣ ଜାରି ରହିଛି । ଗବେଷକମାନେ ମତ ଦେଇଛନ୍ତି ଯେ, ପିଲାମାନେ ଶିଖନ୍ତି ଏହିପରି -

* ପ୍ରାପ୍ତ ବୟସ୍କମାନଙ୍କ ଠାରୁ ଭିନ୍ନ ଧାରାରେ
* ବାସ୍ତବ ଜୀବନ ପ୍ରସଙ୍ଗ ମାଧ୍ୟମରେ
* କାର୍ଯ୍ୟ କରି
* ସେମାନଙ୍କ ପାରିପାର୍ଶ୍ୱ ଓ ପରିବେଶରୁ
* ନିଜ ପରିବେଶର ଅଭିଜ୍ଞତାକୁ ଆଧାର କରି ଅର୍ଥ ନିର୍ମାଣ ଓ ପୁନଃନିର୍ମାଣ କରି

ସମଗ୍ର ବିଶ୍ୱରେ ଏସବୁ ତାତ୍ପର୍ଯ୍ୟ ପୂର୍ଣ୍ଣ ଅନ୍ତଃଦୃଷ୍ଟିର ପ୍ରଭାବରେ ପାଠ୍ୟକ୍ରମର ପରିକଳ୍ପନା ଓ ବିକାଶ ହୋଇଛି । ତୁମେ ପୂର୍ବରୁ ଜାଣିଛ ଯେ, ଜାତୀୟ ପାଠ୍ୟକ୍ରମ ଆଧାର - ୨୦୦୫ ଅନେକ ମାତ୍ରାରେ 'ସାମାଜିକ ସଂଗଠନ ବାଦ' ସିଦ୍ଧାନ୍ତ ଦ୍ୱାରା ପ୍ରଭାବିତ । ଜାତୀୟ ପାଠ୍ୟକ୍ରମ ଆଧାର-୨୦୦୫ରେ କୁହାଯାଇଛି-

* ସବୁପିଲା ସ୍ୱାଭାବିକ ଭାବରେ ଶିଖିବା ପାଇଁ ଅଭିପ୍ରେରିତ ଏବଂ ଶିଖିବା ପାଇଁ ସମର୍ଥ ।
* ଶିଖିବାର ପ୍ରମୁଖ ଦିଗ ଗୁଡ଼ିକ ହେଲା ଅର୍ଥପୂର୍ଣ୍ଣ ଅମୂର୍ତ୍ତ ଚିଂତନ, କାର୍ଯ୍ୟରେ ଏହାର ପ୍ରତିଫଳନ, କାର୍ଯ୍ୟ କରିବାର ଦକ୍ଷତାର ଅଭିବୃଦ୍ଧି ।
* ପିଲାମାନେ ବିଭିନ୍ନ ଉପାୟରେ ଶିଖିଥାନ୍ତି- ଅନୁଭୂତି ମାଧ୍ୟମରେ, ଜିନିଷ ଗୁଡ଼ିକୁ ତିଆରି କରି, ପରୀକ୍ଷା ନିରୀକ୍ଷା କରି, ପଢ଼ାପଢ଼ି କରି, ଆଲୋଚନା କରି, ପ୍ରଶ୍ନ ପଚାରି, ଚିନ୍ତା ଓ ପ୍ରତିଫଳନ କରି, ଉଭୟ ବ୍ୟକ୍ତିଗତ ଭାବରେ ଏବଂ ଅନ୍ୟମାନଙ୍କ ସହ ମିଶି । ସେମାନେ ନିଜନିଜର ବିକାଶ ପ୍ରକ୍ରିୟାରେ ଏସବୁ ସୁଯୋଗ ପାଇଁ ଆବଶ୍ୟକ ମନେ କରନ୍ତି ।

ଶିକ୍ଷକ - ପ୍ରଶିକ୍ଷାର୍ଥୀ ଭାବେ ଏହା ତୁମ ପାଇଁ ଏକ ଅଭୂତପୂର୍ବ ସୁଯୋଗ ଯେ, ତୁମେ ଛାତ୍ରମାନଙ୍କର ଶିକ୍ଷଣ ପ୍ରକ୍ରିୟା ଓ ଶୈଳୀକୁ ସୁଦୃଢ଼ କରି ତାଙ୍କୁ ଗଭୀରଭାବେ ପର୍ଯ୍ୟବେକ୍ଷଣ କରି ପାରିବ । ଯାହା ହେଉ, ତୁମେ ଏହି ପର୍ଯ୍ୟବେକ୍ଷଣକୁ ଶିକ୍ଷକ ଭାବେ ଅର୍ଥପୂର୍ଣ୍ଣ କରିପାରିବ ଯେତେବେଳେ ତୁମେ ନିଜକୁ ଜଣାଇବ ଯେ ପିଲାମାନେ ଶିଖନ୍ତି କିପରି, ମୁଁ କାହିଁକି ଜାଣିବି । "ପ୍ରଶିକ୍ଷକ ଭାବେ ଏହି ପ୍ରଶ୍ନର ଭିନ୍ନ ଭିନ୍ନ ଉତ୍ତର

ମିଳିବ" ଯାହାହେଉ, ଜଣଙ୍କର ଏହି ପ୍ରଶ୍ନର ଉତ୍ତର, ଅଧିକ ଭାବେ ପ୍ରଭାବିତ କରିବ ତାଙ୍କର ପରିବେଶ ଅଧ୍ୟୟନର ଉପଲବ୍ଧି, ବୋଧଗମ୍ୟତା ଏବଂ ଶିକ୍ଷଣ କାର୍ଯ୍ୟ ସଂପାଦନକୁ । ଏହି ପ୍ରଶ୍ନ ପାଇଁ ତୁମର ଉତ୍ତର ତୁମକୁ ପରିବେଶ ଅଧ୍ୟୟନର ଶୈକ୍ଷିକ ଯତ୍ନଶୀଳତା ପାଇଁ ସାହାଯ୍ୟ କରିବ ।

**ତରୁଣ ଶିକ୍ଷାର୍ଥୀ - ପ୍ରାପ୍ତ ବୟସ୍କମାନଙ୍କ ଠାରୁ ଭିନ୍ନ**

ପ୍ରାପ୍ତ ବୟସ୍କମାନେ ବୌଦ୍ଧିକ ପନ୍ଥା ମାଧ୍ୟମରେ ଶିଖନ୍ତି ।ଏହି ପନ୍ଥାରେ ଶିକ୍ଷଣର ଧାରଣା, ନୀତି ଓ ସମସ୍ୟା ସମାଧାନକୁ ପ୍ରାଧାନ୍ୟ ଦିଆଯାଇଥାଏ । ତେଣୁ ସେମାନେ ବିଷୟ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିଥାନ୍ତି । ଶିକ୍ଷଣ କ୍ଷେତ୍ରରୁ କ'ଣ ଲାଭପ୍ରଦ ହେବ ତାହା ବୁଝି ତଦନୁସାରେ ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ ପ୍ରଦାନ କରନ୍ତି । ପ୍ରାପ୍ତ ବୟସ୍କଙ୍କ ଆବଶ୍ୟକତା ନିମିତ୍ତ ଶିକ୍ଷଣ କ୍ଷେତ୍ର ସ୍ଥିରୀକୃତ ହୁଏ ଏବଂ ସେ ଉଦ୍ଦେଶ୍ୟ ମୂଳକ ଭାବେ ଶିକ୍ଷା କରି ଜ୍ଞାନ ବ୍ୟବସ୍ଥିତ କରନ୍ତି । ଅପର ପକ୍ଷରେ ପିଲା ତୀବ୍ର ଚିନ୍ତାଶୀଳ, ଇଚ୍ଛୁକ ଶିକ୍ଷାର୍ଥୀ ନୁହେଁ । ଜ୍ଞାନ ଆହରଣ ପାଇଁ ପରିସ୍ଥିତି ତାକୁ ପ୍ରଭାବିତ କରେ । ପରିବେଶ ସହ ପାରସ୍ପରିକ କ୍ରିୟା ଦ୍ୱାରା ଏହା ସଂଗଠିତ ହୋଇଥାଏ । ସାମାଜିକ ପ୍ରସଙ୍ଗରେ ବରିଷ୍ଠମାନଙ୍କର ପ୍ରଭାବ, ସାଙ୍ଗସାଥି, ଶିକ୍ଷକ, ସ୍ୱାଭାବିକ ଜିଜ୍ଞାସା, କୌତୁହଳ, ତରୁଣ ଶିକ୍ଷାର୍ଥୀମାନଙ୍କ ପାଇଁ ଶିକ୍ଷଣ ପରିସ୍ଥିତି ସୃଷ୍ଟି କରିଥାଏ । ପ୍ରଯତ୍ନ ଓ ପ୍ରମାଦ (trial & error), ଅଭ୍ୟାସ କରିବା ପ୍ରକ୍ରିୟା, ଅନ୍ତର୍ଜ୍ଞାନ ମଧ୍ୟ ଏହାର ଶିକ୍ଷଣରେ ଭୂମିକା ଗ୍ରହଣ କରେ । ଏହି ସଂଗଠିତ ଜ୍ଞାନରୁ ସମପରିସ୍ଥିତିରେ ସେ ବ୍ୟାବସ୍ଥାପିତ ଓ ପ୍ରୟୋଗ କରିପାରେ । ତରୁଣ ଶିକ୍ଷାର୍ଥୀମାନଙ୍କୁ ଆଗ୍ରହାନ୍ୱିତ ଓ ପ୍ରେରଣା ପ୍ରଦାନ କରି ସେମାନଙ୍କର ଆଚରଣଗତ ପରିବର୍ତ୍ତନ ପାଇଁ ଗୁରୁତ୍ୱ ଦେବା ବିଧେୟ ।

ବାସ୍ତବ ଜୀବନ ପ୍ରସଙ୍ଗ ସହ ମନସ୍ତାତ୍ତ୍ୱିକ ଭାବ କାର୍ଯ୍ୟକଳାପରେ ଲିପ୍ତ କରାଇବା ଦ୍ୱାରା ସେମାନେ ପରିବେଶ ସହ ଜଡ଼ିତ ହୋଇ ଶିକ୍ଷଣ ଅନୁଭୂତି ପାଆନ୍ତି ଏବଂ ଜ୍ଞାନ ବ୍ୟବସ୍ଥିତ କରିପାରନ୍ତି ।

**ନିଜ ଅଗ୍ରଗତି ଆକଳନ - ୨**

ଯେଉଁଠି ବାଦ୍ ପଡ଼ିଛି ପୂରଣ କର ।

ଗବେଷକମାନେ ମତ ଦେଇଛନ୍ତି, ଶିକ୍ଷାର୍ଥୀମାନେ କିପରି ଶିଖନ୍ତି-

......................................

କ) ବାସ୍ତବ ଜୀବନ ପ୍ରସଙ୍ଗ ମାଧ୍ୟମରେ

ଖ) କାର୍ଯ୍ୟ କରି

ଗ) ସେମାନଙ୍କ ପାରିପାର୍ଶ୍ୱ ଓ ପରିବେଶରୁ

ଘ) ନିଜ ପରିବେଶର ଅଭିଜ୍ଞତାକୁ ଆଧାର କରି ଅର୍ଥ ନିର୍ମାଣ ଓ ପୁନଃ ନିର୍ମାଣ କରି ।

**୩.୪ - ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣର ଶୈକ୍ଷିକ ସଂଗଠନ**

ପୂର୍ବ ବିଭାଗରେ ଶିକ୍ଷାର୍ଥୀ ମାନେ କିପରି ଶିକ୍ଷା କରନ୍ତି ଜାଣିଲେ । ଏହାର ନିହିତାର୍ଥକୁ ବୁଝି ତାହାକୁ କିପରି ପରିବେଶ ଅଧ୍ୟୟନ ଶିକ୍ଷାଦାନ – ଶିକ୍ଷଣରେ ପ୍ରୟୋଗ କରାଯାଇ ପାରିବ ? ଏହି ବିଭାଗରେ, ଆମେ

ତୁମକୁ ପରିବେଶ ଅଧ୍ୟୟନର ପ୍ରକୃତି, ଶିକ୍ଷାର୍ଥୀର ଶିକ୍ଷଣ ପଥ ଏବଂ ଶୈକ୍ଷିକ କୌଶଳ ମଧ୍ୟରେ ସଂଯୋଗ ସ୍ଥାପନ କିପରି ହୋଇଛି ଯାହାଦ୍ୱାରା ପରିବେଶ ଅଧ୍ୟୟନର ଶିକ୍ଷାଦାନ- ଶିକ୍ଷଣ ଫଳପ୍ରଦ ହୋଇପାରିବ, ସେ ସଂପର୍କରେ ଅନୁସନ୍ଧାନ କରିବା ପାଇଁ ସୁଯୋଗ ଦିଆଯିବ । ତେଣୁ ଏହି ଏକକର ଏହି ବିଭାଗରେ ବିଭିନ୍ନ ଆଲୋଚନାକୁ ସଂକ୍ଷେପଣ କରି ପରିବେଶ ଅଧ୍ୟୟନର ତାତ୍ପର୍ଯ୍ୟ ହୃଦ୍‌ବୋଧ କରିବା ପାଇଁ ଶିକ୍ଷକଙ୍କୁ ସୁଯୋଗ ମିଳିବ ।

**ପିଲାର ପରିବେଶ : ତା'ର ଶିକ୍ଷଣ ପ୍ରୟୋଗଶାଳା ହେଉ**

ପରିବେଶ ଅଧ୍ୟୟନର ଶିକ୍ଷକ ଭାବେ, ତୁମ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ସୃଜନାତ୍ମକ ଭାବେ ପିଲାର ତତ୍‌କ୍ଷଣାତ ପରିବେଶ (ବିଦ୍ୟାଳୟ ଓ ଗୋଷ୍ଠୀ) କୁ ତୁମେ ଶିକ୍ଷଣ ପ୍ରୟୋଗଶାଳା ଭାବେ ବ୍ୟବହାର କର । ଏହାର ମୁଖ୍ୟ ସୁବିଧା ଗୁଡ଼ିକ ହେଉଛି-

୧. ଆମେ ଯତ୍ନବାନ ହେବା ଯେ, ପରିବେଶ ଏକ ମିଶ୍ରିତ ବିଷୟ । ଏହାର କାରଣ ହେଉଛି ତୁମର ଛାତ୍ର ପ୍ରତ୍ୟେକ ସମୟରେ ବାସ୍ତବ ଜୀବନ ପରିସ୍ଥିତି ସହ କାର୍ଯ୍ୟ ନିର୍ବାହ କରିବ, ଅତଏବ ସେ ଏଭଳିଭାବେ ଶିକ୍ଷଣ ଓ ପର୍ଯ୍ୟବେକ୍ଷଣ କରୁ ଯେପରି ତା' ପାଇଁ ସନ୍ଧିରେଖା ରହିବ ନାହିଁ ଏବଂ ବିଜ୍ଞାନ ଓ ସାମାଜିକ ବିଜ୍ଞାନର ସୀମିତ ସୀମାସରହଦ ମଧ୍ୟରେ ବାନ୍ଧି ହୋଇରହିବ ନାହିଁ ।

୨. ପିଲାର ବାସ୍ତବ ଜୀବନ ପ୍ରକ୍ରିୟା ଓ ଅଭିଜ୍ଞତା ମାଧ୍ୟମରେ ଶିକ୍ଷଣ ଏକ ଫଳପ୍ରଦ ଉପାୟ । ବିଦ୍ୟାଳୟ ଏବଂ ଆଞ୍ଚଳିକ ପରିବେଶକୁ ଶିକ୍ଷଣ ସ୍ଥଳୀ ଭାବେ ବ୍ୟବହାର କଲେ, ପିଲା ସ୍ୱାଭାବିକ ଢ଼ଙ୍ଗରେ ଶିଖିଲେ ତାର ଶିକ୍ଷଣ ଫଳପ୍ରଦ ହେବ ଏବଂ ଜ୍ଞାନ ଏବଂ ଦକ୍ଷତାର ମଧ୍ୟ ବିକାଶ ହେବ ।

୩. ଏହା କୁହାଯାଏ ଯେ, ଶିକ୍ଷଣ ତତ୍‌କ୍ଷଣାତ୍ ପରିବେଶ ଏବଂ ବାସ୍ତବ ଜୀବନ ଅନୁଭୂତିରୁ ହେଲେ ବ୍ୟକ୍ତି ପାଇଁ ଦୀର୍ଘସ୍ଥାୟୀ ହୁଏ । ଏଣୁ ଶିକ୍ଷଣ ମଧ୍ୟ ସ୍ମରଣ କରିବା ସହଜ ଏବଂ ଜୀବନର ପରବର୍ତ୍ତୀ ସୋପାନରେ ମଧ୍ୟ ଏହାକୁ ପ୍ରୟୋଗ କରାଯାଇ ପାରିବ ।

୪. ସାମାଜିକ ପ୍ରାସଙ୍ଗିକତାଟିଏ ସୃଷ୍ଟି କରି ଏବଂ ସହଯୋଗକୁ ପ୍ରୋତ୍ସାହନ ଦେଇ ସହଯୋଗ ଭିତ୍ତିକ ଶିକ୍ଷଣ ଶ୍ରେଣୀ ଭିତରେ ଓ ବାହାରେ ଅନୁଷ୍ଠିତ ହେବା ବିଧେୟ ।

**୩.୪.୨ - ଶିକ୍ଷାଲାଭ ପାଇଁ ସୁଗମ : ଜଣାରୁ ଅଜଣା, ମୂର୍ତ୍ତରୁ ଅମୂର୍ତ୍ତ**

ବିଗତ ସମୟଗୁଡ଼ିକରେ ଏକ ନୂତନ ଧାରଣାଟିଏ ଜାଣିଥିବା ଧାରଣାକୁ ସମ୍ପର୍କିତ କରି ବର୍ଣ୍ଣନା କରାଯିବାଟା ଫଳପ୍ରଦ ବୋଲି କୁହାଯାଉଥିଲା । ଆଜିକାଲି ଅମୂର୍ତ୍ତ ଧାରଣା ଶିକ୍ଷଣ ଦକ୍ଷତା ସୀମିତ ହୋଇଗଲାଣି । ତେଣୁ ନୂତନ ଧାରଣାଟିକୁ ମିଳୁଥିବା ପଦାର୍ଥ ଦ୍ୱାରା ଚିହ୍ନିବା ଓ ବୁଝିବାକୁ ହୋଇଥାଏ । ଯେତେବେଳେ ଶିଶୁର ବର୍ତ୍ତମାନର ଅନୁଭୂତି ସହ ମନର ଉପଯୁକ୍ତ ଯୋଗାଯୋଗ ହୋଇପାରିବ ସେ ଅନେକ ଅମୂର୍ତ୍ତ, କ୍ଲିଷ୍ଟ ଧାରଣା ଏବଂ ଯୁକ୍ତିକୁ ବୁଝିପାରିବ ।



ଟିପ୍ପଣୀ

ପରିବେଶ ଅଧ୍ୟୟନର ପ୍ରଚଳିତ ପାଠ୍ୟକ୍ରମରୁ 'ଉଦ୍ଭିଦ'ପ୍ରସଙ୍ଗ ଉଦାହରଣ ସ୍ୱରୂପ ଗ୍ରହଣ କରାଯାଇପାରେ । ପାରମ୍ପରିକ ଅନେକ ପାଠ୍ୟକ୍ରମରେ ଉଦ୍ଭିଦର ବିଭିନ୍ନ ଅଂଶ ସଂପର୍କରେ ଶିକ୍ଷାର୍ଥୀମାନଙ୍କ ଅବଧାରଣ ନିମିତ୍ତ ବ୍ୟାଖ୍ୟା କରାଯାଇଛି । କିନ୍ତୁ ଏହି ପ୍ରଚଳିତ ପାଠ୍ୟକ୍ରମରେ ଉନ୍ନତି ଓ ଅଗ୍ରଗତିକୁ ଦୃଷ୍ଟିରେ ରଖି (ଉଦ୍ଭିଦ) ସଂପର୍କରେ ଧାରଣା ଦେଲାବେଳେ ମୂର୍ତ୍ତ ରୁ ଅମୂର୍ତ୍ତ କୁ ପ୍ରାଧାନ୍ୟ ଦିଆଯାଇଛି । ପ୍ରଥମେ (ଖାଦ୍ୟ) ପ୍ରସଙ୍ଗକୁ ସ୍ଥାନିତ କରାଯାଇଛି ; ଯେଉଁ ଖାଦ୍ୟ ସହିତ ଶିକ୍ଷାର୍ଥୀ ପରିଚିତ ଏବଂ କେଉଁ ଉଦ୍ଭିଦ ସେମାନେ ଖାଆନ୍ତି ଓ ଉଦ୍ଭିଦର କେଉଁ କେଉଁ ଅଂଶ ଖାଦ୍ୟ ରୂପେ ଗ୍ରହଣ କରାଯାଏ ସେ ସଂପର୍କରେ ଆଲୋଚନା କରାଯାଇଛି ।

ପରିବେଶ ଅଧ୍ୟୟନରେ ଏଭଳି ଶିକ୍ଷାଦାନ ସମ୍ବନ୍ଧୀୟ ପରିକଳ୍ପନାର ସୁବିଧା /ଉପକାରିତା ହେଲା-

* ଶିକ୍ଷାର୍ଥୀମାନେ ନିଜ ପରିବେଶରୁ ପରିବେଶ ଜ୍ଞାନ ପାଇବେ ।
* ପରୀକ୍ଷିତ ଓ ଉନ୍ନତି କ୍ଷେତ୍ରରୁ ନୂତନ ଜ୍ଞାନର ସନ୍ଧାନ କରିବେ ।

### ୩.୪.୩ - ତୁମ ଶ୍ରେଣୀ ଗୃହରେ ବାସ୍ତବ ଜୀବନଧର୍ମୀ ଶିକ୍ଷଣ ପରିକଳ୍ପନା

ତୁମେ ପରିକଳ୍ପନା କର ଝାଡ଼ଖଣ୍ଡର ଏକ ପଲ୍ଲୀ ଗାଁ ଲୋହରଡାଗ ଓ ଡୁମ୍କାର ବିଦ୍ୟାଳୟ ଶ୍ରେଣୀଗୃହରେ ପାନୀୟ ଜଳ ସଂପର୍କରେ ଆଲୋଚନା କରାଯାଉଛି । ତୁମେ କିପରି ପରିକଳ୍ପନା କରିପାରିବ ଯେ, ରାଞ୍ଚିର ଗୋଟିଏ ବିଦ୍ୟାଳୟରେ ସେହି ବିଷୟଟି ଆଲୋଚନା କରିବାର ପନ୍ଥା ଏକ ହେବ ? ବୋଧହୁଏ, ନା ।

ଶ୍ରେଣୀ ଗୃହରେ ବାସ୍ତବ ଜୀବନରୁ ଉଦାହରଣ ଦେବା ଭଳି ଶୈକ୍ଷିକ କୌଶଳକାର ପରିବେଶ ଅଧ୍ୟୟନ ଶିକ୍ଷାଦାନ- ଶିକ୍ଷଣ ଫଳପ୍ରଦ ହେବ । ଏହାର ସୁବିଧା ଗୁଡ଼ିକ ହେଲା -

* ନିର୍ଦ୍ଦିଷ୍ଟ ଆଞ୍ଚଳିକ ଉଦାହରଣ ଦେଇ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣକୁ ଫଳପ୍ରଦ କରିବା ଏକ ସଫଳ ପନ୍ଥା ।
* ପରିବେଶ ମୋ ସହିତ ଅଛି ଏବଂ ମୋ ଚାରିପାଖେ ପରିବେଶ ଘେରି ରହିଛି, ତେଣୁ ଏହି ପନ୍ଥା ଦ୍ୱାରା ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣ ଫଳପ୍ରଦ ହେଉଛି ।
* ପରିବେଶ ଅଧ୍ୟୟନରେ ପରିବେଶ ସଂପର୍କୀୟ ଧାରଣା ଶିକ୍ଷାର୍ଥୀର ସାମାଜିକ ଓ ସାଂସ୍କୃତିକ ପରିବେଶରେ ଦୃଶ୍ୟମାନ ହୋଇଥାଏ । ତେଣୁ ତୁମେ ବାସ୍ତବତା ଠାରୁ ଦୂରେଇ ନଯାଇ ପାଠ୍ୟପୁସ୍ତକରେ ଯେଉଁ ତଥ୍ୟ ସଂପର୍କରେ ଧାରଣା ଦିଆଯାଇଛି, ସେ ସଂପର୍କରେ ତୁମେ ଶିକ୍ଷାର୍ଥୀଙ୍କୁ ସହାୟତା କରିଛ ।
* ବାସ୍ତବ ଜୀବନ ପର୍ଯ୍ୟବେକ୍ଷିତ ପ୍ରକ୍ରିୟା ମାଧ୍ୟମରେ ପିତାମାତା, ଜେଜେ ବାପା ଓ ଜେଜେ ମା ଏବଂ ସମାଜର ଅନ୍ୟାନ୍ୟ ଉପଯୁକ୍ତ ସଦସ୍ୟଙ୍କ ସହ ନୂଆ ଶିକ୍ଷାର୍ଥୀମାନେ ଗଭୀର ଅନୁସନ୍ଧାନ ଓ ଅନ୍ୱେଷଣ କରିବା ପାଇଁ ପ୍ରୋତ୍ସାହିତ କରିବେ । ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ପ୍ରସ୍ତୁତ ପରିବେଶ ଅଧ୍ୟୟନର ଶୈକ୍ଷିକ ସଂଗଠନ ନିମିତ୍ତ 'ପ୍ରସଙ୍ଗ ଜାଲ' ସ୍ଥିରିକୃତ ହୋଇଛି ଯାହା ତିନିବର୍ଷ ମଧ୍ୟରେ ଅଧ୍ୟୟନ କରିବ ।




"...... ଧୀରେ ଧୀରେ ଶିକ୍ଷାର୍ଥୀର ବିଶ୍ୱଚିଂତନ ସଂପ୍ରସାରିତ ହେବ, ନିଜ ନିଜ ପରିବାର, ପଡ଼ୋଶୀ, ଅଞ୍ଚଳ ଓ ଦେଶଠାରୁ ପ୍ରଥମେ ଆରମ୍ଭ କରି ଶିକ୍ଷାର୍ଥୀ ଯେତେବେଳେ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରିବ, ଶିକ୍ଷାର୍ଥୀ ସେତେବେଳେ ପଠିତ ପ୍ରସଙ୍ଗରେ ନିଜକୁ ସେ ଗୋଷ୍ଠୀର, ଦେଶର ଏବଂ ବିଶ୍ୱର ବୋଲି ଧାରଣା କରିବାକୁ ସମର୍ଥ ହେବ ।"

(ଜାତୀୟ ପାଠ୍ୟକ୍ରମ ଆଧାର -୨୦୦୫ : ପ୍ରାରମ୍ଭିକ ସ୍ତରର ଶ୍ରେଣୀ ନିମିତ୍ତ ପାଠ୍ୟକ୍ରମ ପୃ-୯୨)

**ଶିକ୍ଷାର୍ଥୀ କେନ୍ଦ୍ରୀକ ଓ ସମନ୍ୱିତ ପନ୍ଥା ପାଇଁ ପ୍ରସଙ୍ଗ**

ପାଠ୍ୟକ୍ରମ ଜାଲ ଶିକ୍ଷାର୍ଥୀ କୈନ୍ଦ୍ରୀକ ଭାବେ ବିକାଶ ଲାଭ କରିଛି । ଏଥିରେ ସାମାଜିକ ବିଜ୍ଞାନ, ବିଜ୍ଞାନ, ପରିବେଶ ଶିକ୍ଷାକୁ ଆଧାର କରି, ବିଷୟ ବିଷୟ ମଧ୍ୟରେ ଆଦାନ ପ୍ରଦାନ ହୋଇ ପ୍ରସଙ୍ଗ ସଂଗଠିତ ହୋଇଛି । ୩ୟ-୪ର୍ଥ ଶ୍ରେଣୀ ପାଇଁ ପାଠ୍ୟକ୍ରମ ଛଅଟି ସାଧାରଣ ପ୍ରସଙ୍ଗକୁ ନେଇ ପ୍ରସ୍ତୁତ ହୋଇଛି । 'ପରିବାର ଏବଂ ବନ୍ଧୁ' ପ୍ରସଙ୍ଗଟି ୪ଟି ଉପ ପ୍ରସଙ୍ଗକୁ ଆଧାର କରି ପ୍ରସ୍ତୁତ ହୋଇଛି ।

୧. ପରିବାର ଓ ବନ୍ଧୁ

  ୧.୧ - ସଂପର୍କ

  ୧.୨ - କାର୍ଯ୍ୟ ଓ ଖେଳ

  ୧.୩ - ପ୍ରାଣୀ

  ୧.୪ - ଉଦ୍ଭିଦ



୨. ଖାଦ୍ୟ

୩. ବାସ ସ୍ଥଳୀ

୪. ଜଳ

୫. ଭ୍ରମଣ

୬. ଜିନିଷ ଯାହା ଆମେ କରିବା ଓ ତିଆରି କରିବା

ଏହି ପାଠ୍ୟକ୍ରମ ଜାଲ ତିନି ବର୍ଷ ଧରି କାର୍ଯ୍ୟକାରୀ ହୋଇଛି । ଏହା ଧିରେ ଧିରେ ଶିକ୍ଷାର୍ଥୀର ବିଶ୍ୱକୁ ବୁଝିବା ପରିପ୍ରେକ୍ଷିରେ ସଂପ୍ରସାରିତ ହୋଇଛି । ଏହା ଆରମ୍ଭରେ ନିଜର, ତା'ପରେ ନିଜ ପରିବାର, ପଡ଼ୋଶୀ ଅଞ୍ଚଳ ଓ ଦେଶ ଭିତ୍ତିକ ହୋଇଛି । ଶିକ୍ଷାର୍ଥୀ ଯେତେବେଳେ ୫ମ ଶ୍ରେଣୀରେ ପଢ଼ିବ, ସେ ଜାଣି ପାରିବ ଯେ ନିଜେ ଗୋଷ୍ଠୀ, ଦେଶ ଓ ବିଶ୍ୱ ଭିତରର ଜଣେ । ବାସ୍ତବରେ ପାଠ୍ୟକ୍ରମରେ କେତେକ କଳ୍ପନା ଏଭଳି ରୂପାୟିତ ହୋଇଥାଏ, ଯାହା ଶିକ୍ଷାର୍ଥୀ ପାଇଁ ବିମାନ ଯାତ୍ରା ଭଳି ପୃଥିବୀ ବାହାର ମହାଶୂନ୍ୟରେ ଉଡ଼ିବାରେ ଅଙ୍କୁଶ ପାଲୋଟି ଥାଏ, ବୋଧଗମ୍ୟ ହୋଇନଥାଏ ତଥାପି ଏହା ଶିକ୍ଷାର୍ଥୀକୁ ଆଗ୍ରହାନ୍ୱିତ କରିଥାଏ ।

ଉଦାହରଣ ସ୍ୱରୂପ, ତୃତୀୟ ଶ୍ରେଣୀରେ ବିଷୟ 'ଖାଦ୍ୟ', ରନ୍ଧନ, ପାରିବାରିକ ଖାଦ୍ୟ, ଆମେ କ'ଣ ଖାଉ, ଅନ୍ୟମାନେ କ'ଣ ଖାଆନ୍ତି ଇତ୍ୟାଦି ସହ ଆରମ୍ଭ ହୋଇଥାଏ । ଚତୁର୍ଥ ଶ୍ରେଣୀରେ ଖାଦ୍ୟ

ଟିପ୍ପଣୀ

ଶସ୍ୟ କିପରି ଉତ୍ପାଦିତ ହୁଏ , ସେମାନେ କେଉଁ କେଉଁ ଏଭଳି ଉଭିଦ ଦେଖିଛନ୍ତି, ଖାଦ୍ୟ ଆମ ପାଖକୁ କିପରି ପହଞ୍ଚେ ଆଲୋଚିତ ହୋଇଛି । ପଞ୍ଚମ ଶ୍ରେଣୀର ପାଠରେ ଖାଦ୍ୟଶସ୍ୟ କିଏ ପ୍ରସ୍ତୁତ କରେ, ଚାଷୀମାନେ କି କି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ଖାଦ୍ୟାଭାବରେ ଲୋକଙ୍କର ଦୁର୍ଦ୍ଦଶା ସଂପର୍କରେ ଆଲୋକପାତ କରାଯାଇଛି । ଏତଦ୍‌ବ୍ୟତୀତ ଖାଦ୍ୟ ବେଳେବେଳେ ନଷ୍ଟ ହୁଏ । ନଷ୍ଟ ହେବାର କାରଣ ଅନୁସନ୍ଧାନ ଏବଂ ଖାଦ୍ୟ ସଂରକ୍ଷଣ, ଖାଦ୍ୟାଭ୍ୟାସର ବଦଳ ଓ ଶସ୍ୟ ଉତ୍ପାଦନ ସଂପର୍କରେ ବୟସ୍କ/ ପୂର୍ବପୁରୁଷଙ୍କ ଅଭିଜ୍ଞତା ବିଶ୍ଳେଷଣ ହୋଇଛି । ଶେଷରେ ସୁରୁଚିପୂର୍ଣ୍ଣ ଖାଦ୍ୟ ଏବଂ ଖାଦ୍ୟର ହଜମ, ପାଟିରୁ ଝରୁଥିବା ଲାଳ କିପରି ଖାଦ୍ୟକୁ ସୁସ୍ୱାଦୁ କରେ ଏବଂ ଖାଦ୍ୟ ହଜମ କରେ ସେ ସଂପର୍କରେ ଧାରଣା ଦେବା ସହିତ 'ଖାଦ୍ୟ ପାଇଁ ଶସ୍ୟ' ମଧ୍ୟ ଏଥିରେ ସନ୍ନିବେଶିତ ହୋଇଛି । କେତେକ ବିଚିତ୍ର କୀଟପତଙ୍ଗ ମଧ୍ୟ ଖାଦ୍ୟଶସ୍ୟକୁ କିପରି ନଷ୍ଟ କରନ୍ତି, ସେ ସଂପର୍କରେ ମଧ୍ୟ ଧାରଣା ଦିଆଯାଇଛି ।

ଭ୍ରମଣ ବିଷୟ ଶିକ୍ଷାର୍ଥୀମାନଙ୍କୁ ଯାତ୍ରା ସଂପର୍କରେ ଧାରଣା ଦେଇଥାଏ । ଏହା ସାମାଜିକ ଓ ଭୌତିକ ବ୍ୟବଧାନ, ନୂତନ ଓ ଅପରିଚିତ ପ୍ରାକୃତିକ ବୈଶିଷ୍ଟ୍ୟ ଥିବା ଭୂଭାଗର ବୈଶଣ୍ୟ, ବିବିଧତାର ଧାରଣା ମଧ୍ୟ ଦେଇଥାଏ । ତୃତୀୟ ଶ୍ରେଣୀ ପାଠ୍ୟ ବିଷୟ ଯାତ୍ରା ପାଇଁ ଉତ୍ସାହିତ କରେ । ପୂର୍ବେ ପରିବାରର ଲୋକେ କି ଭଳି ଭ୍ରମଣ କରୁଥିଲେ, ଆଜି ଲୋକେ ମରୁଭୂମି, ଜଙ୍ଗଲ, ପାହାଡ କିମ୍ବା ବଡବଡ ନଗରରେ କିପରି ଯାତ୍ରା କରୁଛନ୍ତି ତାହା ମଧ୍ୟ ସୂଚିତ ହୋଇଛି । ଅଧିକନ୍ତୁ, 'ସାଧନ' ଗଳ୍ପରେ ଗୋଟିଏ ପିଲା ତାର ପରିବାରରେ ଯାତ୍ରା ପାଇଁ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହୁଏ ଏବଂ ପ୍ରବାସୀ ପରିବାରର ପିଲାର ଅନୁଭୂତିକୁ ମଧ୍ୟ ଶ୍ରେଣୀ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସହିତ ଯୋଡି ଦିଆଯାଇଛି । ଏଭଳି ବ୍ୟାଖ୍ୟା ବିଦ୍ୟାଳୟର ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ସୃଜନାତ୍ମକ ସୁଯୋଗ ପ୍ରଦାନ କରିଥାଏ । ଅନ୍ୟ ପିଲାର / ଲୋକର ଅନୁଭୂତିକୁ ସାଉଁଟି ସେ ନିଜ ଜୀବନ ସହିତ ତାକୁ ସଂପର୍କୀତ କରିଥାଏ । କାହାଣୀ, ପ୍ରଚାର ପତ୍ର, ନାଟକ, ସିନେମା ଏବଂ ଅନ୍ୟାନ୍ୟ ମାଧ୍ୟମରେ ମଧ୍ୟ ଏହା କରାଯାଇପାରେ । ପଞ୍ଚମ ଶ୍ରେଣୀରେ ପିଲା ପହଂଚିଲେ, ପାଠ୍ୟକ୍ରମରେ ଭ୍ରମଣ ବିଷୟ ଆଲୋଚନା ବେଳେ ପ୍ରାକୃତିକ ବୈଶିଷ୍ଟ୍ୟ ଥିବା ଭୂଭାଗ, ହିମାଳୟର ଯାତ୍ରା, ବିଚେନ୍ଦ୍ରିପାଲଙ୍କ ହିମାଳୟ ଯାତ୍ରାର ଦୁଃସାହସିକ ଅଭିଯାନ ଏବଂ ହିମାଳୟରେ ଜାତୀୟ ପତାକା ଉତ୍ତୋଳନ କଥା ମଧ୍ୟ ଉଲ୍ଲେଖ କରାଯାଇଛି ଏବଂ ଏହା ସେମାନଙ୍କୁ ନିଜ ବିଦ୍ୟାଳୟର ପତାକା ପାଇଁ ପରିକଳ୍ପନାର ସୁଯୋଗ ଦେଇଥାଏ ।

ଏହି ବିଷୟ ମଧ୍ୟ ସେମାନଙ୍କୁ ମହାକାଶକୁ ମହାକାଶ ଯାନରେ ଯାତ୍ରା, ଯେଉଁଠାରୁ ସର୍ବପ୍ରଥମେ ମହାକାଶରୁ ସଂଚାର ମାଧ୍ୟମରେ ପୃଥିବୀ ଦୃଶ୍ୟମାନ ହୋଇଥିଲା ଜାଣିବେ, ତା ଛଡା ପ୍ରତ୍ୟେକ ପିଲା ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତକାରରେ କଣ ଦେଖିଲେ ଜଣାଇବେ । ବିଦ୍ୟାଳୟର ବିଭିନ୍ନ ଦୃଶ୍ୟ, ଆପେକ୍ଷିକ ସ୍ଥାନ ଓ ଆକାର ସୂଚିତ କରୁଥିବା ଅଞ୍ଚଳ ସହ ପରିଚିତ ହେଲେ ସେ ବିମାନ ସମ୍ବନ୍ଧୀୟ ଦୃଶ୍ୟର ଅବଧାରଣା କରି ପାରିବ । ସେ ତୃତୀୟ ଶ୍ରେଣୀର ମାନଚିତ୍ର ଅଙ୍କନର ଧାରଣା ସହ ସଂଶ୍ଳିଷ୍ଟ । ସେମାନେ ଯେତେବେଳେ ପଞ୍ଚମ ଶ୍ରେଣୀରେ ପହଞ୍ଚିବେ, ସେମାନେ ନିଜ ଅଂଚଳ ଓ ସହରର ଚିତ୍ର ଆଙ୍କି ପାରିବେ ଏବଂ ସଂଚାର ପଥ ଜାଣି ପାରିବେ ।

**ପରିବାର ଓ ବନ୍ଧୁ ପ୍ରସଙ୍ଗର ଅଂଶ : ଉଭିଦ ଓ ପ୍ରାଣୀ**

ପରିବାର ଓ ବନ୍ଧୁ ପ୍ରସଙ୍ଗ ମାଧ୍ୟମରେ ଉଭିଦ ଓ ପ୍ରାଣୀକୁ ସଚେତନ ଭାବେ ସଂଶ୍ଳିଷ୍ଟ କରାଯାଇଛି । ମଣିଷ

ଉଭିଦ ଓ ପ୍ରାଣୀ ସହିତ କିପରି ଘନିଷ୍ଠ ଭାବେ ସଂପର୍କୀତ ଏବଂ ସାମାଜିକ ଓ ବିଜ୍ଞାନ ସମନ୍ୱିତ ବିଷୟକୁ ସାମଗ୍ରିକ ଭାବେ ଜାଣିବାର ସୁଯୋଗ ମଧ୍ୟ ଏଥିରେ ପ୍ରଦାନ କରାଯାଇଛି । ପାରମ୍ପରିକ ଭାବେ 'ପ୍ରାଣୀ'ଓ 'ଉଭିଦ' ପରିପ୍ରେକ୍ଷଣ ରୂପେ ବର୍ଣ୍ଣନା କରାନଯାଇ ବିଜ୍ଞାନର ଏକ ସ୍ୱତନ୍ତ୍ର ବିଭାଗ ଭାବେ ବର୍ଣ୍ଣନା କରାଯାଇଛି । ସାମାଜିକ ଓ ସାଂସ୍କୃତିକ ପ୍ରସଙ୍ଗରେ ପ୍ରାଣୀ ଓ ଉଭିଦକୁ ସମନ୍ୱିତ ଭାବେ ଆଲୋଚନା କରିବାକୁ ପଦକ୍ଷେପ ନିଆଯାଇଛି ଏବଂ ରାଜପୁତ ଆଦିବାସୀ (ଖାଣ୍ଡି), ମୁସାର ଓ ପେଟଲ ପ୍ରସ୍ତୁତକାରୀ ଗୋଷ୍ଠୀର ଜୀବନ ଓ ଜୀବନଧାରା କେତେକ ନିର୍ଦ୍ଦିଷ୍ଟ ପ୍ରାଣୀ ଓ ଉଭିଦ ସହିତ କିପରି ଜଡ଼ିତ ତାହା ପ୍ରକାଶ କରାଯାଇଛି । ଅଧିକନ୍ତୁ, ବିଶ୍ୱରେ କୈଶୋର ଅବସ୍ଥାରେ ପିଲାମାନେ ପ୍ରାଣୀ ଓ ଉଭିଦ ସଂପର୍କୀୟ ବର୍ଣ୍ଣନାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଏବଂ ସେମାନଙ୍କର ଶକ୍ତିଶାଳୀ ଉପଲବ୍‌ଧି ଦ୍ୱାରା 'ପରିବାର ଓ ବନ୍ଧୁ'ଙ୍କ ସହିତ ଯୋଡ଼ି ପାରନ୍ତି । ଏହା ଏକ ଆହ୍ୱାନ ଯେ, ପ୍ରଥାର ସରହଦ ଡ଼େଇଁ ବୈଜ୍ଞାନିକ ପ୍ରଶିକ୍ଷଣ ମାଧ୍ୟମରେ ପିଲାଙ୍କର ମନୋଭାବର ପରିବର୍ତ୍ତନ ପାଇଁ ଯତ୍ନଶୀଳ ହେବା ବିଧେୟ, ଯେପରି ସେମାନେ ନକହନ୍ତି 'ଉଭିଦ', 'ପ୍ରାଣୀ', 'ଖାଦ୍ୟ' ବା 'ଆମ ଶରୀର' ହେଉଛି ଶିକ୍ଷାର୍ଥୀର ପରିପ୍ରେକ୍ଷଣ । ପ୍ରଚଳିତ ପ୍ରଥା ଓ ଅର୍ନ୍ତଜ୍ଞାନ ବିରୋଧୀ, ହ୍ରାସବାଦୀ ଭାବେ ଶିକ୍ଷାର୍ଥୀଙ୍କୁ ବିଜ୍ଞାନର କେତେକ ବିଭାଗୀୟ ବିଷୟକୁ ବୁଝାଯାଇଛି । ଲୋକାଚାରିକ ଭାବେ, ପ୍ରାଣୀ ବିଜ୍ଞାନୀମାନେ ଜୀବନକୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରିଛନ୍ତି, ଯଥା: 'ଉଭିଦ'ଓ 'ପ୍ରାଣୀ' । ପ୍ରାଥମିକ ବିଦ୍ୟାଳୟରେ ଉଭିଦକୁ ସରଳ ଭାବେ ଉପସ୍ଥାପନ କରାଯାଇଛି, ଯଥା : ଉଭିଦର ଶ୍ରେଣୀ ବିଭାଗ, ଉଭିଦର ବିଭିନ୍ନ ଅଂଶର କାର୍ଯ୍ୟାବଳୀ ଇତ୍ୟାଦି ।

ଉଭିଦକୁ ଏଭଳି ଦୃଷ୍ଟିଭଙ୍ଗୀରେ ଦେଖିବା ଅତି ବାସ୍ତବ ଓ ଶିକ୍ଷାର୍ଥୀ ପାଇଁ ପ୍ରଯୁଜ୍ୟ କାହିଁକି ? ପ୍ରକୃତରେ ସମଗ୍ର ପୃଥିବୀରେ ଗବେଷଣାରୁ ଜଣାଯାଇଛି ଯେ, କିଶୋରମାନେ ଜୀବ ଓ ନିର୍ଜୀବ ମଧ୍ୟରେ ଥିବା ପାର୍ଥକ୍ୟ ବଂଶ ଜୀବ ମଧ୍ୟରେ ଉଭିଦ ଓ ପ୍ରାଣୀର ବିଭାଗୀକରଣ ସଂପର୍କରେ ଅମୂର୍ତ୍ତ ଚିଂତନ ଥାଏ । ବିଭିନ୍ନ ଦେଶର ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ବିଚାର୍ଯ୍ୟରହସ୍ୟ ଉଦଘାଟନ ସତ୍ତ୍ୱେ,୧୩-୧୫ ବର୍ଷର ପିଲାମାନେ ସଂଗଠିତ ଭାବେ ବିଶ୍ୱାସ କରନ୍ତି ଯେ, ଗୋଟିଏ ଗଛ/ଚାରା ଉଭିଦ ଠାରୁ ଭିନ୍ନ, ଏହା ପ୍ରାଣୀ ବିଜ୍ଞାନୀଙ୍କ ପାରମ୍ପରିକ ରୀତି ଅନୁସାରେ ବିଭାଗୀକରଣକୁ ସ୍ୱୀକୃତି ପ୍ରଦାନ କରୁନାହିଁ । ପିଲାମାନେ ମଧ୍ୟ ପଦ୍ଧତିଗତ ଭାବେ ଉଭିଦ ଓ ପନିପରିବା ମଧ୍ୟରେ ପାର୍ଥକ୍ୟ ଦର୍ଶାନ୍ତି (ଗାଜର ଓ ବନ୍ଧାକୋବି ଉଭିଦ ନୁହେଁ) କିମ୍ବା ଉଭିଦ ଓ ଗୁଳ୍ମ (ଘାସ ଉଭିଦ ନୁହେଁ) । ଅଧିକନ୍ତୁ ଅନେକ ପିଲା ମଞ୍ଜି ଉଭିଦର ଅଂଶ ବୋଲି ପ୍ରକୃତରେ ଭାବନ୍ତି ନାହିଁ । ତେଣୁ କେତେକ ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ଏହି ପାରମ୍ପରିକ ବିଭାଗୀକରଣକୁ ବାଦ୍ ଦେଇ ପିଲା ନିଜର ଅନୁସନ୍ଧାନ ଓ ଅର୍ନ୍ତଜ୍ଞାନ ମାଧ୍ୟମରେ ଧାରଣା କରିବାକୁ ସୁଯୋଗ ଦିଆଯାଇଛି, ଯାହାଦ୍ୱାରା ସେ ବିଜ୍ଞାନ କିପରି ଏସବୁ ଭିନ୍ନ ଭିନ୍ନ ଭାବେ ବିଭାଗୀକରଣ କରିଛି, ସେ ସଂପର୍କରେ ସେ ଭଲଭାବେ ବୁଝିପାରିବ ।

ପିଲା କିପରି ବୁଝେ ତାହା ବିଚାରକୁ ନେଇ 'ଖାଦ୍ୟ' ପ୍ରସଙ୍ଗକୁ ଆଧାର କରି 'ଉଭିଦ' କୁ ପ୍ରଥମେ ପରିଚିତ କରାଯାଇଛି । ପିଲାମାନେ କେଉଁ କେଉଁ ଉଭିଦ ଖାଆନ୍ତି, କେଉଁ କେଉଁ ପତ୍ର ଖାଆନ୍ତି, କେଉଁ କେଉଁ କାଣ୍ଡ ଖାଆନ୍ତି, ଏବଂ କେଉଁ କେଉଁ ଉଭିଦର ଶସ୍ୟକୁ ଖାଆନ୍ତି ସେ ସଂପର୍କରେ ଆଲୋଚନା କରାଯାଏ । ପ୍ରକୃତିରେ ପ୍ରଶ୍ନ ମାଧ୍ୟମରେ ଏହା ଆଲୋଚିତ ହୁଏ । ଯଥା: ନିମ୍ନ ମଧ୍ୟରୁ କେଉଁଟି ଖାଦ୍ୟ ?

୧. କାଇ

ଟିପ୍ପଣୀ

୨. ପକ୍ଷୀବସା

୩. ଛେଳି

୪. କ୍ଷୀର ଇତ୍ୟାଦି ।

ଏସବୁ ପ୍ରଶ୍ନ ମାଧ୍ୟମରେ କେଉଁ ଗୁଡ଼ିକ ଆମ ମାନଙ୍କର ଖାଦ୍ୟ, କେଉଁମାନେ ଏ ଖାଦ୍ୟ ଖାଆନ୍ତି, ସେ ସଂପର୍କରେ ପିଲାମାନଙ୍କୁ ଏଭଳି ସାଂସ୍କୃତିକ ଧାରଣା ଦିଆଯାଏ । ପୂର୍ବରୁ ଆଲୋଚିତ ହୋଇଛି ଯେ, ପରିବାର ଓ ବନ୍ଧୁ ପ୍ରସଙ୍ଗରେ 'ଉଭିଦ' କୁ ଉପପ୍ରସଙ୍ଗ ଭାବେ କରାଯାଇଛି । ତେଣୁ ତୃତୀୟ ଶ୍ରେଣୀର ପିଲାମାନେ ନିଜ ଚାରି ପାଖରେ ଥିବା କେଉଁ ସବୁ ଉଭିଦ ଖାଆନ୍ତି । ସେମାନଙ୍କ ପିତାମାତା କେଉଁ ସବୁ ଉଭିଦ ସେମାନେ ସେମାନଙ୍କ ଯୁବକ ଅବସ୍ଥାରେ ଦେଖିଥିଲେ, କେଉଁ ସବୁ ଜିନିଷ ଉଭିଦରୁ ପ୍ରସ୍ତୁତ ହୁଏ ଏସବୁ ଆଲୋଚନା ଭିତ୍ତିରେ ପିଲାମାନେ ନିଜ ପିତାମାତାଙ୍କୁ ତଥା ବୟସ୍କ ଲୋକଙ୍କୁ ପଚାରି ବୁଝନ୍ତି । ଏସବୁ ଆଲୋଚନା ସେମାନଙ୍କ ଶିକ୍ଷଣକୁ ଉନ୍ନତ କରିଥାଏ । ଏହା ମଧ୍ୟ ସେମାନଙ୍କ ପାଠ୍ୟକ୍ରମର ଶିକ୍ଷଣ କାର୍ଯ୍ୟସ୍ତରକୁ ସୂଚିତ କରିଥାଏ । ତୃତୀୟ ଶ୍ରେଣୀର ପିଲା ମଧ୍ୟ ଆମ ଚାରିପାଖେ ଥିବା ବିଭିନ୍ନ ପ୍ରକାରର ପତ୍ରକୁ ପର୍ଯ୍ୟବେକ୍ଷଣ କରି ତା'ର ଆକାର, ରଙ୍ଗ, ଗନ୍ଧ ଆଦି ଭିନ୍ନତାକୁ ଅନୁଧ୍ୟାନ କରନ୍ତି । ଗଛର ପତ୍ରକୁ କିପରି ଖାଦ୍ୟ ଭାବେ ଗ୍ରହଣ କରାଯାଏ, ବର୍ଷର କେଉଁ ସମୟରେ ଗଛରୁ ପ୍ରଚୁର ପତ୍ର ତଳେ ପଡିଥାନ୍ତି ଯାହା ଖତ ପ୍ରସ୍ତୁତିରେ ସାହାଯ୍ୟ କରିଥାଏ । ପତ୍ରକୁ କିପରି ପାତ୍ର, ବସ୍ତ୍ର, କାନ୍ଥ ଆଦିରେ କଳାତ୍ମକ ଭାବେ ମିଶ୍ରିତ କରାଯାଏ ଇତ୍ୟାଦି ମଧ୍ୟ ଜାଣି ପାରନ୍ତି । ଚତୁର୍ଥ ଶ୍ରେଣୀରେ ସେମାନେ ଫୁଲ, ଫୁଲ ବିକାଳି ସଂପର୍କରେ ଜାଣନ୍ତି ଏବଂ ସେମାନେ ଯେଉଁ ଗଛରୁ ଅଣାଯାଇଛି ସେ ସମ୍ପର୍କରେ ଆଲୋଚନା କରାଯାଏ । ପଞ୍ଚମ ଶ୍ରେଣୀରେ 'ଜଙ୍ଗଲ ଓ ଜଙ୍ଗଲରେ ବାସ କରୁଥିବା ଲୋକ', ପାର୍କ (ପ୍ରମୋଦ ଉଦ୍ୟାନ) କିମ୍ବା ଅଭୟାରଣ୍ୟର ଧାରଣା ଏବଂ ଉଭିଦର ଉତ୍ପତ୍ତି ସଂପର୍କରେ ଶିକ୍ଷାପ୍ରାପ୍ତ କରନ୍ତି । ଏଭଳି ଭାବେ ସେମାନେ ସାମଗ୍ରିକ ଭାବେ ବୈଜ୍ଞାନିକ, ସାମାଜିକ ଓ ସାଂସ୍କୃତିକ ପରିପ୍ରେକ୍ଷିରେ ଜ୍ଞାନ ଅର୍ଜନ କରି ଜ୍ଞାନ ସଂଗଠନ କରନ୍ତି ଏବଂ ସେମାନଙ୍କ ସୌନ୍ଦର୍ଯ୍ୟବୋଧ ସମୃଦ୍ଧ ହେବା ସହିତ ସେମାନଙ୍କ ଚାରିପାଖେ ଥିବା ଉଭିଦକୁ ସେମାନେ ପସନ୍ଦ କରନ୍ତି ।

**ଆମ ଶରୀର, ଆମ ନିଜର : ପରିବାର ଓ ବନ୍ଧୁ - ସମ୍ବେଦନଶୀଳତା ଓ ଅନୁଭବ କ୍ଷମତା**

ପୂର୍ବରୁ ଉଭିଦ ସଂପର୍କରେ ଆଲୋଚନା ହେବା ପରି, ପାରମ୍ପରିକ ରୀତିରେ 'ଆମ ଶରୀର' ମଧ୍ୟ ଆଲୋଚିତ । ବିଜ୍ଞାନ ଓ ସାମାଜିକ ଠାରୁ ଏହା ଦୂରେଇ ଯାଇ ଆମର ଇନ୍ଦ୍ରିୟ, ଆମ ଶରୀରର ବିଭିନ୍ନ ଅଂଶ, ଶ୍ୱାସକ୍ରିୟା, ପାକକ୍ରିୟା ଆଦି ଆଲୋଚିତ ହୋଇଛି । ଅଧିକନ୍ତୁ ପ୍ରସଙ୍ଗ 'ପରିବାର ଓ ବନ୍ଧୁ' ରେ ସ୍ୱତନ୍ତ୍ରତଃ ଦୁଇଟି ଉପପ୍ରସଙ୍ଗ- ୧.୧-ସଂପର୍କ ୧.୨-କାର୍ଯ୍ୟ ଓ ଖେଳ ସ୍ଥାନ ପାଇଛି । ପିଲାମାନଙ୍କୁ ନିଜ ଶରୀର ଅଂଶ ସଂପର୍କରେ ଶିକ୍ଷାଦାନ ବେଳେ ସେମାନେ ନିଜ ଶରୀରର ଅଙ୍ଗ ଦେଖନ୍ତି ।ଏହା ଅଧିକ ପ୍ରାସଙ୍ଗିକ ଓ ବିଷୟ ସଂପୃକ୍ତ ।ତୃତୀୟ ଶ୍ରେଣୀର ଉପ-ପ୍ରସଙ୍ଗ 'ବଂଧୁତ୍ୱ' ବା 'ସଂପର୍କ' ସଂପର୍କୀୟମାନଙ୍କ ସହ ଆଲୋଚନା, ସେମାନେ କାହା ସହିତ ବାସ କରନ୍ତି ଏବଂ ଘରଠାରୁ ଦୂରେଇ ରହୁଥିବା ବେଳେ ସଂପର୍କର ମୌଳିକ ଧାରଣା ପାଆନ୍ତି । ସେମାନେ ସଂପର୍କୀୟ ମାନଙ୍କ ଠାରୁ କାହାକୁ ପସନ୍ଦ କରନ୍ତି, କେଉଁ ଗୁଣ ବା ଦକ୍ଷତା ସେମାନଙ୍କ ପାଖରେ ଅଛି । କେଉଁ କେଉଁ ଘଟଣା ବା ଉତ୍ସବରେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ସାକ୍ଷାତ କରିବାର ସୁଯୋଗ ମିଳେ । 'ଆମ ଶରୀର – ବୃଦ୍ଧ ଓ ଯୁବକ' ଏକକରେ ସେମାନଙ୍କୁ

ନିଜ ଶରୀର ସହିତ ପରିବାର ଲୋକଙ୍କ ଶରୀରର ପାର୍ଥକ୍ୟ ଜାଣି ପାରନ୍ତି ଏବଂ ସେମାନଙ୍କୁ ପଚାରି ଜାଣନ୍ତି ବୟସର ପାର୍ଥକ୍ୟ ହେତୁ ଏଭଳି ପରିବର୍ତ୍ତନ ଘଟିଥାଏ । ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଯେ, 'ପରିବାର' ଶୀର୍ଷକ ଆନ୍ତରିକତା ଓ ସମ୍ବେଦନଶୀଳତା ପ୍ରଦାନ କରେ । ସାମର୍ଥ୍ୟ/ଅସାମର୍ଥ୍ୟ କ୍ଷେତ୍ରରେ ସମାନୁଭୂତି, ବିନାଶର ସଚେତନତା ପ୍ରଦାନ କରାଯାଏ । ଉଦାହରଣ ସ୍ୱରୂପ , ପରିବାରର ବୟସ୍କ ଲୋକ ଏବଂ ସେମାନଙ୍କ ବନ୍ଧୁଙ୍କ ମଧ୍ୟରୁ କେତେକଙ୍କର ଶୁଣିବା ଓ ଦେଖିବାରେ ଅସୁବିଧା ଥାଏ । ସେମାନେ ଏହି ଅସୁବିଧାକୁ କିଭଳି ଦକ୍ଷତାର ସହ ଦୂରେଇ ପାରନ୍ତି, ତାହା ଆଲୋଚିତ ହୁଏ । ଚତୁର୍ଥ ଶ୍ରେଣୀରେ ସେହି ଉପପ୍ରସଙ୍ଗ 'ବନ୍ଧୁତା'ରେ ଏକ ଏକକ (ତୁମର ମା, ଜଣେ ପିଲା ପରି) ରହିଛି । ଏଥିରେ ତାଙ୍କ ମା' ପିଲାଦିନେ କାହାକାହା ସହିତ ରହୁଥିଲେ, ସେମାନଙ୍କ ସଂପର୍କୀୟ କିଏ ସବୁ ଥିଲେ, ଏସବୁ ପିଲା ପଚାରି ବୁଝିବାକୁ କୁହାଯାଇଛି । ମା'ଙ୍କ ସହିତ ନିଜ ଶରୀରର ସଂପର୍କ କଥା ପିଲା ଭାବିବେ, ଗୋଟିଏ ଛୋଟ ବିରାଡ଼ି ବା ବିରାଡ଼ି ଛୁଆ ତା' ମା ସହିତ କିପରି ସଂପର୍କୀତ ଏବଂ ସମ୍ଭାବ୍ୟ ବର୍ଣ୍ଣନା ମାଧ୍ୟମରେ ଅନ୍ୟକୁ ଦତ୍ତ ହୋଇଥିବା ଏକ ପିଲା ବା ଅନ୍ୟପିତା ମାତାଙ୍କ ଦ୍ୱାରା ପ୍ରତିପାଳିତ ହେଉଥିବା ଏକ ପିଲା ସଂପର୍କରେ କିଛି କହିବେ । ଝଡ଼ (cyclone) ବତାସ ପରେ କ'ଣ ହୁଏ ? 'ଆଖି ବନ୍ଦ କରି ପାରିପାର୍ଶ୍ୱକୁ ଅନୁଭବ କରିବା' ଦ୍ୱାରା ସେମାନେ ସ୍ପର୍ଶ ଓ ଗନ୍ଧ ଅନୁସନ୍ଧାନ କରି ବାରି ପାରିବେ । ଲୋକ ବା ପ୍ରାଣୀମାନଙ୍କଠାରୁ ଅଲଗା ନରହି ଯେଉଁମାନଙ୍କ ସହ ସେମାନେ ରହନ୍ତି, ସ୍ପର୍ଶ କରି, ଶୁଣି ଓ ଶୁଙ୍ଘି ତାହାକୁ ଚିହ୍ନଟ କରିବେ । ଏହି ଅନୁଭୂତିର କ୍ରମାଗତ ଅନୁସନ୍ଧାନ ଦ୍ୱାରା ଯେଉଁଠି ମସୃଣ/ ଖଦଡ଼ା, ଗରମ/ ଥଣ୍ଡା , ଓଦା/ ଶୁଖିଲା, ଅଠାଳିଆ/ ମସୃଣ ଇତ୍ୟାଦି ଜାଣି ପାରନ୍ତି । ଜିନିଷ ବା ଲୋକଙ୍କୁ ନ ଛୁଇଁ ତାହା ଭାବିକରି କହିବା ପାଇଁ କୁହାଯାଏ । ଏହି ଏକକରେ ସ୍ପର୍ଶ ମାଧ୍ୟମରେ ଆଦର କରିବା ବା ଚଟକଣି ମାରିବା, ଆଦର କରିବା ବା ଆଉଁଶିବାର ସ୍ପର୍ଶ ଭଲ ବା ମନ୍ଦ ତାହା ମଧ୍ୟ କିପରି ଜାଣି ପାରିବେ, ସେଥିପାଇଁ ପଦକ୍ଷେପ ନିଆଯାଇଛି । ପଞ୍ଚମ ଶ୍ରେଣୀରେ, 'ମୁଁ କାହା ଭଳି ଦିଶେ' ଏକକରେ ପରିବାରର କାହା ସହିତ ସାଦୃଶ୍ୟ ଅଛି, ମୁଖମଣ୍ଡଳ, ସ୍ୱର , ଉଚ୍ଚତାରେ ସାମ୍ୟତା ଅଛି ଏବଂ ନିର୍ଦ୍ଦିଷ୍ଟ ବିଶେଷତା ହେଲା 'ଖୁବ୍ ଜୋରରେ ହସେ, ବ୍ରେଲି ସିଟ୍‌ରେ ଅକ୍ଷର ପଢ଼ି ଅନୁଭବ କରିବା, ହେଲେନ୍ କେଲରଙ୍କ ଆତ୍ମ ଜୀବନୀ ବର୍ଣ୍ଣନାରୁ ସେ ଭୀଷଣ ଆହ୍ୱାନକୁ କିପରି ଅତିକ୍ରମ କଲେ ତାହା ଜାଣିବା ଉଲ୍ଲେଖ କରାଯାଇଛି ।' 'ପରିବାର ଓ ବନ୍ଧୁ' ଉପ-ପ୍ରସଙ୍ଗରେ 'କାର୍ଯ୍ୟ ଓ ଖେଳ'ରହିଛି । ଲୋକେ ଯେତେବେଳେ ନିଜ ପରିବାରରେ କାର୍ଯ୍ୟ କରନ୍ତି ବା କାର୍ଯ୍ୟ କରନ୍ତି ନାହିଁ ବା ପଡ଼ୋଶୀମାନେ କାର୍ଯ୍ୟ କରନ୍ତି, ଏଥିରେ ବିଭିନ୍ନ କାର୍ଯ୍ୟଶୈଳୀର ଅନୁସନ୍ଧାନ କରିବା ପାଇଁ ଦିଗ୍‌ଦର୍ଶନ ରହିଛି । ପିଲା ଏସବୁ ସୂକ୍ଷ୍ମାତି ସୂକ୍ଷ୍ମ ଭାବେ ଦେଖେ, ସେ ଜଣେ ଧରାବନ୍ଧା ଲିଙ୍ଗୀୟ ଭୂମିକା (ପୁରୁଷର ଭୂମିକା ଓ ନାରୀମାନଙ୍କ ଭୂମିକା) ଗୋଟିଏ ଶିଶୁ ଶ୍ରମିକ ସହିତ ନିଜର ଦୈନିକ କାର୍ଯ୍ୟାବଳୀକୁ ସେ ତୁଳନା କରିବା ପାଇଁ ସୂଚିତ ହୋଇଥାଏ ଏବଂ ସେ ତାହା ଅନୁଭବ କରିଥାଏ । ସେମାନେ କେଉଁ ସବୁ ଖେଳ ଖେଳନ୍ତି, ତାହା ମଧ୍ୟ ବିଶ୍ଳେଷଣ କରେ ଏବଂ ଦେଖେ ସେମାନଙ୍କ ବାପା ଅଜାଙ୍କ ଅମଳର ପାରମ୍ପରିକ ଖେଳ ଓ ଖେଳନା ଆଜି କିପରି ବଦଳି ଯାଇଛି । ପଞ୍ଚମ ଶ୍ରେଣୀ ଉପ-ପ୍ରସଙ୍ଗରେ ଅଛି ଦଳଗତ ଖେଳ ତୁମର ନାୟକ, ସାମରିକ କଳା ବା ମଲ୍ଲଯୁଦ୍ଧ ଏବଂ ସେମାନେ କିପରି ତାଲିମ ନିଅନ୍ତି । ଆମ ଶରୀରର ଅନୁସନ୍ଧାନ ଶ୍ୱାସକ୍ରିୟାର ପଦ୍ଧତି ଏହି ପ୍ରସଙ୍ଗରେ ଆସେ, 'ଖର ନିଶ୍ୱାସ ଧୀର ନିଃଶ୍ୱାସ' ପ୍ରସଙ୍ଗରେ ସେମାନେ ଜାଣିପାରନ୍ତି, ଖୁବ୍ ଜୋର୍‌ରେ ଧାଇଁ ସାରିବା ପରେ, ସେମାନେ କିପରି ଖୁବ୍ ଜୋର୍‌ରେ ଶ୍ୱାସକ୍ରିୟା କରନ୍ତି, ତାହା ସାଧାରଣ ଶ୍ୱାସକ୍ରିୟା ସହ ତୁଳନା କରନ୍ତି । ସେମାନେ ନିଜ ଛାତିକୁ



ଟିପ୍ପଣୀ

କେତେ ସଂପ୍ରସାରଣ କରି ପାରନ୍ତି, ଗୋଟିଏ କାଚକୁ କେତେ ଫୁଙ୍କି ମେଘୁଆ କରିପାରନ୍ତି, ଏବଂ ନିଜ ଥଣ୍ଡା ହାତକୁ ଗରମ କରିବା ପାଇଁ କେତେ ଫୁଙ୍କନ୍ତି ଏବଂ ଗରମକୁ କିପରି ଥଣ୍ଡା କରନ୍ତି- ଏସବୁ ଜାଣି ପାରନ୍ତି । ଏଥିରେ ଡକ୍ଟର ଜାକିର୍ ହୁସେନ୍‌ଙ୍କ 'ଉସିସେ ଥଣ୍ଡା ଉସିସେ ଗରମ' କାହାଣୀକୁ ସାଧନ ଭାବେ ଗ୍ରହଣ କରାଯାଇଛି । ଏହି ଏକକରେ 'ପରିଷ୍କାର କାର୍ଯ୍ୟ', 'ଅପରିଷ୍କାର କାର୍ଯ୍ୟ', ଶ୍ରମର ମର୍ଯ୍ୟାଦା ସଂପର୍କରେ ମଧ୍ୟ ଧାରଣା ଦିଆଯାଇଛି । ବିଭିନ୍ନ ଲୋକ ବିଭିନ୍ନ ପ୍ରକାର କାର୍ଯ୍ୟ କରି କିପରି ଆବଶ୍ୟକୀୟ ସେବା ଯୋଗାଇଥାନ୍ତି, ଏ କ୍ଷେତ୍ରରେ ଗାନ୍ଧିଜୀଙ୍କର କାର୍ଯ୍ୟର ବର୍ଣ୍ଣନା କାହାଣୀକୁ ଭିତ୍ତିଭୂମି ଭାବେ ଗ୍ରହଣ କରାଯାଇଛି ।

### ୩.୪.୪ ବିଷୟ ବିଷୟ ମଧ୍ୟରେ, ବିଷୟ ବାହାରେ ସଂପର୍କ ପ୍ରତିଷ୍ଠା

ବିଜ୍ଞାନ ଓ ସାମାଜିକ ବିଜ୍ଞାନର ପାରଂପରିକ ସରହଦ ବିଲୀନ କରି ପାଠ୍ୟଯୋଜନା ପ୍ରସ୍ତୁତି ଓ ଶିକ୍ଷାଦାନ ଶିକ୍ଷଣ କୌଶଳ ପ୍ରଭୃତି ଗ୍ରହଣ କରିବା ଏକ ଆହ୍ୱାନ । ଅଧିକନ୍ତୁ ପରିବେଶ ଅଧ୍ୟୟନର ଦୁଇଟି ବୈଶିଷ୍ଟ୍ୟ ତୁମକୁ ସାହାଯ୍ୟ କରିବ ।

୧. ସାମାଜିକ ଶିକ୍ଷା, ବିଜ୍ଞାନ ଏବଂ ପରିବେଶ ଶିକ୍ଷା ବିଷୟ ମଧ୍ୟରେ ସାଧାରଣ ଆଦାନ ପ୍ରଦାନ ମାଧ୍ୟମରେ ପରିବେଶ ଅଧ୍ୟୟନର ବିଷୟ ବିନ୍ୟାସ ହେଇଛି ଏବଂ ପ୍ରାଥମିକ ଶିକ୍ଷାର ସାଧାରଣ ଖସଡାରେ ସ୍ଥାନ ପାଇଛି ।

୨. ପରିବେଶ ଅଧ୍ୟୟନ ପାଠ୍ୟକ୍ରମ (ତୃତୀୟ ଶ୍ରେଣୀଠାରୁ) ବିଷୟ ଭିତ୍ତିକ, ଧାରଣା ଭିତ୍ତିକ ନୁହେଁ ।

### ୩.୪.୫ : ସଂଳାପ ଓ ପ୍ରଶ୍ନାବଳୀ ପାଇଁ ପ୍ରୋତ୍ସାହନ

ତୁମେ ମନେ ପକାଅ ଯେ, ପରିବେଶର ଧାରଣା, ଅବଧାରଣା ଏବଂ ପରିପ୍ରେକ୍ଷଣ ମଧ୍ୟରେ ବିବାଦ ବା ପ୍ରତିଯୋଗିତା ରହିଛି । କାରଣ ହେଲା, ପରିବେଶରେ ଗୋଟିଏ ଧାରଣା ବା ଅବଧାରଣାର ଅର୍ଥ ଓ ବୁଝାବଣା ସମୟ ଓ ସ୍ଥଳ ବିଶେଷରେ ବଦଳିଥାଏ ।

କହିବାର ସୁଯୋଗ, ଆଲୋଚନା ଏବଂ ସଂଳାପ ମାଧ୍ୟମରେ ପିଲା ତା'ର ଧାରଣା ଓ ଅନୁଭୂତିକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିପାରେ । ଏହି ପାଠ୍ୟକ୍ରମ ଏଥିପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଏ । ଉଦାହରଣ ସ୍ୱରୂପ, 'ପରିବେଶ ଅଧ୍ୟୟନ' ପାଠ୍ୟକ୍ରମର 'ଭ୍ରମଣ' ପ୍ରସଙ୍ଗ ତୁମକୁ ଯୋଗାଏ - ଶିକ୍ଷକ ଭାବେ, ପିଲାମାନେ ପରସ୍ପର ମଧ୍ୟରେ ଏବଂ ସର୍ବସାଧାରଣଙ୍କ ସହ ସଂଳାପ ମାଧ୍ୟମରେ ଆଲୋଚନା କରିବାର ସୁଯୋଗ ରହିଛି । ଏହି ବିଷୟ ପ୍ରତି ପିଲାଙ୍କୁ ନିଜର 'ଭ୍ରମଣ ପୁସ୍ତିକା' ପ୍ରସ୍ତୁତ କରିବା ପାଇଁ ସୁଯୋଗ ଦିଏ । ଯଦି ଏକା ଶ୍ରେଣୀର ଦୁଇଟି ପିଲା ଏକା ସ୍ଥାନକୁ ଭ୍ରମଣ କରିବାର ଥାଏ, ଏକା ପ୍ରକାର ଭ୍ରମଣ କରନ୍ତି, ତଥାପି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯାତ୍ରାର ଭିନ୍ନତା ଦେଖାଯାଏ ।

ଉଭୟ ଗୋଟିଏ ସ୍ଥାନକୁ ଭ୍ରମଣ କଲେ, କେବେ ଗୋଟିଏ ସ୍ଥାନରେ ସେମାନଙ୍କର ଅନୁଭୂତି କାହିଁକି ଭିନ୍ନ ଭିନ୍ନ ହେଲା ଉଭୟଙ୍କୁ ଆଲୋଚନା କରିବାକୁ ପ୍ରୋତ୍ସାହନ କରେ । ସେମାନଙ୍କ ପାଇଁ ଏପରି ଶିକ୍ଷଣ ପୃଷ୍ଠଭୂମି ସୃଷ୍ଟି କରେ । ଯାହା ସେମାନଙ୍କର ଆତ୍ମ ବିଶ୍ୱାସ ଯୋଗାଇବ । କେଉଁଠି ଆବଶ୍ୟକ, ସେମାନେ

ନିଦ୍ୱନ୍ଦରେ ପାଠ୍ୟ ପୁସ୍ତକରେ ଥିବା ପାଠ୍ୟ ସଂପର୍କରେ ପ୍ରଶ୍ନ ପଚାରି ପାରିବେ । ଏଭଳି ଶିକ୍ଷଣ କୌଶଳରୁ ଅନେକ ସୁବିଧା ମିଳେ, ଯଥା :-

- ପିଲାମାନେ ସମାଲୋଚନା ପୂର୍ବକ ଶିଖନ୍ତି ଏବଂ ନିଜର ଅଭିଜ୍ଞତା ମଧ୍ୟ ବିଶ୍ଳେଷଣ କରନ୍ତି ।
- ଏହା ସହିତ ପିଲାମାନେ ଅନ୍ୟର ବିଶ୍ୱାସ ଓ ମତକୁ ମଧ୍ୟ ସୂକ୍ଷ୍ମାତି ସୂକ୍ଷ୍ମ ଭାବରେ ଅନୁଶୀଳନ କରି ବିକାଶ ଲାଭ କରନ୍ତି ।
- ଏଭଳି ଅଭିଜ୍ଞତା ଦଳୀୟ / ସାମାଜିକ ଦକ୍ଷତା ଅଭିବୃଦ୍ଧିରେ ପିଲାମାନଙ୍କୁ ସାହାଯ୍ୟ କରେ । ଏହା ସେମାନଙ୍କୁ ଦଳରେ କାର୍ଯ୍ୟ କରିବାର ପୂର୍ବ ଅନୁଭୂତି ଦଳୀୟ ସଭ୍ୟ ସହିତ କାର୍ଯ୍ୟ କରିବା, ଶୁଣି ଶିଖିବା ଏବଂ ପରସ୍ପର ମଧ୍ୟରେ ଭାବ ବିନିମୟ ନିମିତ୍ତ କଥାବାର୍ତ୍ତା କରିବାର ସୁଯୋଗ ଦେଇଥାଏ ।
- ଜୀବନର ପ୍ରାକ୍ ସୋପାନରେ ପିଲାମାନଙ୍କର ଏଭଳି ଅଭିଜ୍ଞତା ସେମାନଙ୍କୁ ଗଣତାନ୍ତ୍ରିକ ସମାଜରେ ସୁନାଗରୀକ ଭାବେ ଗଢ଼ି ତୋଳିବାରେ ସହାୟତା କରିଥାଏ ।

ଏହି ପାଠ୍ୟକ୍ରମର ୨ୟ ବ୍ଲକରେ ଶିକ୍ଷାଦାନ ଶିକ୍ଷଣ ପଦ୍ଧତି ସଂପର୍କରେ ଅଧିକ ଜାଣିବ ।

### ୩.୪.୬ 'ପରିବେଶ ଅଧ୍ୟୟନ' ଶିକ୍ଷକ ଭାବେ ତୁମର ଭୂମିକା

ତୁମେ ବର୍ତ୍ତମାନେ, ଜଣେ ଶିକ୍ଷକ ଭାବେ, ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣ ଅନ୍ୟ ବିଷୟମାନଙ୍କ ଠାରୁ ଭିନ୍ନ ବୋଲି ତୁମେ ଜାଣିଲ ଏବଂ ତୁମକୁ ତଦନୁସାରେ ଶିକ୍ଷାଦାନ - ଶିକ୍ଷଣ ସଂପାଦନ କରିବାକୁ ହେବ । ତୁମେ ଏଭଳି ପଦକ୍ଷେପ ନେବ ଯଦ୍ୱାରା ପାଠ୍ୟପୁସ୍ତକକୁ ଶିକ୍ଷାର୍ଥୀ ମାନେ ଭଲ ଭାବେ ବୁଝିବା ପାଇଁ ପ୍ରୋତ୍ସାହିତ ହେବେ ଏବଂ ଉପଯୁକ୍ତ ଶିକ୍ଷଣ କୌଶଳ ମାଧ୍ୟମରେ, ଶିକ୍ଷକଙ୍କ ସହାୟତାରେ ଆଲୋଚନା ଓ ଅନୁସନ୍ଧାନ ମାଧ୍ୟମରେ ଏହି ଅବଧାରଣା ଗୁଡିକୁ ବୁଝିବେ ଏବଂ ନିଜ ଜୀବନରେ ଏହାର ପ୍ରାସଙ୍ଗିକତା ସଂପର୍କରେ ଅବଗତ ହେବେ ।

ତୁମେ ଶିକ୍ଷକ ଭାବେ, ଶିକ୍ଷାର୍ଥୀ ମାନଙ୍କୁ ଶିକ୍ଷାଦାନ ଶିକ୍ଷଣ ପାଇଁ ଶିକ୍ଷଣ ପରିବେଶ ସୃଷ୍ଟିକରି ସଫଳତା ପ୍ରାପ୍ତ କରାଇବା ଏକ ଆହ୍ୱାନ । ଶିକ୍ଷାଦାନ ଶିକ୍ଷଣକୁ ଫଳପ୍ରଦ କରିବା ପାଇଁ ସମୀକ୍ଷା କରିବ ଏବଂ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ନିଜର ଭୁମିକାକୁ ସମୃଦ୍ଧ କରିବ ।

ପାରମ୍ପରିକ ଭାବେ ଶିକ୍ଷକମାନେ ଜ୍ଞାନ ପ୍ରଦାନ କରୁଥିଲେ । ତେଣୁ ଶିକ୍ଷାଦାନ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏବଂ ଶିକ୍ଷାର୍ଥୀର ଭାବନା ଏବଂ ବୋଧରେ କିଛି ଜ୍ଞାନ ଯୋଗ କରୁଥିଲେ ।

ସଂପ୍ରତି ଜଣେ ଭଲ ଶିକ୍ଷକ ଭାବେ ଶ୍ରେଣୀ କକ୍ଷରେ ଜଣେ ସହାୟକର ଭୂମିକା ନିର୍ବାହ କରିବା ସମୟ ଆସିଛି । ଏହାର ଅର୍ଥ ହେଉଛି, ଶିକ୍ଷାର୍ଥୀ ମାନେ ଶିକ୍ଷକଙ୍କ ସହାୟତା ଓ ନିର୍ଦ୍ଦେଶନାରେ ନିଜର ଅନୁଭୂତି ଦ୍ୱାରା ଅନୁସନ୍ଧାନ ଓ ଉଦ୍ଭାବନ କରି ନୂତନ ଜ୍ଞାନ ସଂଗଠନ କରିବେ । ଅଧିକନ୍ତୁ ନୂତନ ଗବେଷଣା, ଶିକ୍ଷଣ ଓ ଶିକ୍ଷା ସଂପର୍କରେ ବିଶିଷ୍ଟ ଚିନ୍ତନ ଦ୍ୱାରା ହୃଦ୍‌ବୋଧ କରାଯାଇଛି ଯେ ଶିକ୍ଷକ ଓ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ସହାୟକ ନହୋଇ ସହ-ଶିକ୍ଷାର୍ଥୀ ଭଳି କାର୍ଯ୍ୟ ସଂପାଦନ କରିବେ ।

ଟିପ୍ପଣୀ

ଶିକ୍ଷଣ ଏକ ଜୀବନବ୍ୟାପୀ ପ୍ରକ୍ରିୟା - ଶିକ୍ଷକ ଏହି ମୌଳିକ ଧାରଣାକୁ ଅବଗତ ହେବେ ଏବଂ ନିଜର ଭୂମିକା ନିର୍ବାହ କରିବେ । ପ୍ରତ୍ୟେକ ପରିସ୍ଥିତି, ପରିବେଶ, ବୟସର ତାରତମ୍ୟତାରେ ମଧ୍ୟ ଶିକ୍ଷଣ ପ୍ରାପ୍ତ ହୁଏ । ଫଳତଃ, କୌଣସି ବ୍ୟକ୍ତି, ଶିକ୍ଷକ ମଧ୍ୟ ବିଶ୍ୱର ସମସ୍ତ ଜ୍ଞାନର ଅଧିକାରୀ ନୁହଁନ୍ତି । ସବୁବେଳେ ନୂତନ ଶିକ୍ଷଣ ପ୍ରାପ୍ତ ହୁଏ । ଶ୍ରେଣୀରେ ଶିକ୍ଷାଦାନ - ଶିକ୍ଷଣ ବେଳେ ଶିକ୍ଷକ କହିବା ଆବଶ୍ୟକ ଯେ, ମୁଁ ଜାଣେ ନାହିଁ, ମୁଁ ଏ ସଂପର୍କରେ ଜାଣିବାକୁ ଚେଷ୍ଟ କରିବି । ଏଭଳି ତଥ୍ୟ ଦ୍ୱାରା ଶିକ୍ଷାର୍ଥୀ ପ୍ରଦର୍ଶନ / କାର୍ଯ୍ୟ ସଂପାଦକ ଦୁର୍ବଳ ବା ଖରାପ ବୋଲି କୁହାଯାଇ ନପାରେ । ଏହାର ଅର୍ଥ ହେଉଛି, ମୁଁ ଜଣେ ସହ- ଶିକ୍ଷାର୍ଥୀ (ଗୋଟିଏ ଶିକ୍ଷାର୍ଥୀ ମାନଙ୍କ ସହିତ) । ନୂତନ ଧାରଣା ଓ ପାରିପାର୍ଶ୍ୱିକ ପ୍ରକ୍ରିୟାରେ ଅନୁସନ୍ଧାନ ଓ ଉଦ୍ଭାବନ ନିମିତ୍ତ ଏହା ଅଭିପ୍ରେତ ।

**କାର୍ଯ୍ୟାବଳୀ -୧**

'ପରିବେଶ ଅଧ୍ୟୟନ' ର ଏକ ପ୍ରସଙ୍ଗର ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାରେ ସହାୟକ ଭାବେ ତୁମର ଭୂମିକା କିପରି ହେବ ସେଥିପାଇଁ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କର ।

### ୩.୫ - ପରିବେଶ ଅଧ୍ୟୟନ : ଶିକ୍ଷାର୍ଥୀର ଭାବନାକୁ ସଂପ୍ରସାରିତ କରେ

ପରିବେଶ ଅଧ୍ୟୟନ ପାଠ୍ୟକ୍ରମ (୩-୫ଶ୍ରେଣୀ) ବିଷୟ ଭିତ୍ତିକ ପନ୍ଥା ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସଂଗଠିତ ନୁହେଁ (ପୂର୍ବ ବର୍ଷ ମାନଙ୍କରେ ଯେଉଁଭଳି ସଂଗଠିତ ହୋଇଥିଲା) । ଏଥିରେ ୬ଟି ସାଧାରଣ ପ୍ରସଙ୍ଗ ରହିଛି - ଯଥା : ପରିବାର ଓ ବନ୍ଧୁ, ଖାଦ୍ୟ, ଆଶ୍ରୟସ୍ଥଳୀ, ଜଳ, ଭ୍ରମଣ ଓ ଜିନିଷ ପ୍ରସ୍ତୁତି ଓ କାର୍ଯ୍ୟ । ଦ୍ୱିତୀୟ ଏକକରେ ତୁମେ ଜାଣିଛ ଯେ, ଏ ସବୁ ପ୍ରସଙ୍ଗ ଶିକ୍ଷାର୍ଥୀର ବାସ୍ତବ ଜୀବନ ସହିତ ସଂଯୋଜିତ ଏବଂ ଦୈନନ୍ଦିନ ଜୀବନର ଅଭିଜ୍ଞତା ସହ ଜଡିତ । ଏହା ଦ୍ୱାରା ପିଲା ନିଜକୁ ଅନୁସନ୍ଧାନ କରିବା ଆରମ୍ଭ କରେ ତା'ପରେ ତା' ପରିବାର, ପରିବେଶ ଓ ଧିରେ ଧିରେ ପଡୋଶୀ ଅଞ୍ଚଳ, ରାଜ୍ୟ ଓ ଦେଶକୁ ସଂପ୍ରସାରିତ ହୁଏ ।

ପରିବେଶ ଅଧ୍ୟୟନର ବିଷୟଗତ ସଂଗଠନରେ ପାରମ୍ପରିକ ବିଷୟ ସରହଦ ମିଳେଇ ଯାଇଛି ଏବଂ ନୂତନ ଯଥାରୀତି ଶିକ୍ଷାପ୍ରଥା ସୃଷ୍ଟି ହୋଇଛି । ବିଭିନ୍ନ ବିଷୟ ମଧ୍ୟରେ ଥିବା ସଂପର୍କକୁ ହୃଦୟଙ୍ଗମ କରିବାକୁ ଏହା ମଧ୍ୟ ଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହିତ କରୁଛି ।

ପରିବେଶ ଅଧ୍ୟୟନରେ ସୂଚୀରେ ପ୍ରସଙ୍ଗଗତ ସଂଗଠନ ବିଭିନ୍ନ ବିଷୟ (ସାମାଜିକ ବିଜ୍ଞାନ, ବିଜ୍ଞାନ, ଭାଷା, ଇତିହାସ, ଭୂଗୋଳ, ନଗର ବିଜ୍ଞାନ ଇତ୍ୟାଦି)ର ସରହଦ ଅତିକ୍ରମ କରିଛି । ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଜ୍ଞାନର ବିଭିନ୍ନ ଶାଖା ସମ୍ବନ୍ଧରେ ପ୍ରତିପେକ୍ଷଣ (ବିଭିନ୍ନ ବିଷୟର ଅବଦାନ) ଦ୍ୱାରା ଶିକ୍ଷାର୍ଥୀ ପରିବେଶକୁ ବୁଝନ୍ତି ଏବଂ ପରିବେଶର ସମସ୍ୟା ଓ ତା'ର ସମାଧାନ ସଂପର୍କରେ ଅବଗତ ହୁଅନ୍ତି କାରଣ ଏହା ତା'ର ଜୀବନ ଓ ଜୀବନଶୈଳୀ ସହ ସଂପୃକ୍ତ । ତେଣୁ ପରିବେଶ ଅଧ୍ୟୟନ ଏକ ଜ୍ଞାନର ବିଭିନ୍ନ ଶାଖା ସମ୍ବନ୍ଧୀୟ ଏକ ଅଧ୍ୟୟନ, ଯାହା ମଣିଷ ତା'ର ଭୌତିକ, ଜୈବିକ, ସାମାଜିକ ଏବଂ ସାଂସ୍କୃତିକ ପରିବେଶ ସହ ପ୍ରତିକ୍ରିୟା କିପରି କରିଥାଏ ସେ ସଂପର୍କରେ ଧାରଣା ଦେଇଥାଏ ।

ଆସ ଶିକ୍ଷକଭାବେ, ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାର ବିଷୟଗତ ସଂଗଠିତ ଧାରଣାର ନିହିତାର୍ଥ ଆମେ ବୁଝିବା ଆରମ୍ଭ କରିବା । ଆସ ଆମେ ଜଳର ଉଦାହରଣ ନେବା - ଯଦି ଆମେ 'ଜଳ' ପ୍ରସଙ୍ଗ ପଢ଼ାଇବାକୁ ହେବ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟ ସରହଦରୁ ଭିନ୍ନ ଭାବେ ଶିକ୍ଷଣ ପ୍ରକ୍ରିୟା ସଂପାଦନ କରିବାକୁ ହେବ । ଭୂଗୋଳ ପାଠ୍ୟ ପୁସ୍ତକ ମାଧ୍ୟମରେ ପୃଥିବୀର ଜଳବଣ୍ଟନ କିପରି ହେଉଛି ବୁଝିବାକୁ ହେବ । ପୂର୍ବ ପୁରୁଷମାନେ ଜଳକୁ କିପରି ପାଉଥିଲେ ବୁଝିବାକୁ ହେଲେ ନିଜକୁ ସାମାଜିକ ବିଜ୍ଞାନ ବହିର ପୃଷ୍ଠାଗୁଡିକୁ ଆଖିରେ ପକାଇବାକୁ ହେବ । ତା'ପରେ ପ୍ରାଣୀ ଓ ଉଦ୍ଭିଦ ପାଇଁ ଜଳର ଆବଶ୍ୟକତା ସଂପର୍କରେ ବୁଝିବାକୁ ହେବ । ଏଥିପାଇଁ ଉଦ୍ଭିଦ ବିଜ୍ଞାନ ପାଠ୍ୟ ପୁସ୍ତକର ଆବଶ୍ୟକ । ଅଧିକନ୍ତୁ 'ପରିବେଶ ଅଧ୍ୟୟନ' କ୍ଷେତ୍ରରେ ଜଳର ବିଭିନ୍ନ ଦୃଷ୍ଟିକୋଣ (ବୈଜ୍ଞାନିକ, ସାମାଜିକ ଓ ଐତିହାସିକ)ରୁ ବିଚାର କରାଯିବ । ଏହା ବିସ୍ତୃତ ପ୍ରସଙ୍ଗ ଭିତ୍ତିକ ହେବ, ପଦାର୍ଥ ବିଜ୍ଞାନ ଓ ରସାୟନିକ ବିଜ୍ଞାନର 'ଜଳ' ଭିତ୍ତିକ ନୁହେଁ ।

ପାଠ୍ୟକ୍ରମରେ, ପରିବେଶ ଅଧ୍ୟୟନର ବିଷୟବସ୍ତୁ ନିର୍ଦ୍ଦିଷ୍ଟ ପ୍ରସଙ୍ଗର ବିଭିନ୍ନ ଦୃଷ୍ଟିଭଙ୍ଗୀକୁ ପରିସର ଯଥା: ଖାଦ୍ୟ, ଜଳ, ଆଶ୍ରୟସ୍ଥଳୀ ଇତ୍ୟାଦିକୁ ଅନୁସନ୍ଧାନ କରେ । ଏହା ପିଲାର ବାସ୍ତବ ସମସ୍ୟା ଉପରେ ଆଧାରିତ ଏବଂ ଏହା ପିଲାର ଗୃହ, ପଡ଼ୋଶୀ, ଗୋଷ୍ଠୀ ଇତ୍ୟାଦି ବାସ୍ତବ ଅଭିଜ୍ଞତା ସହ ସଂଯୋଜିତ ହେବ । ଏହି ସଂଯୋଗ ବାସ୍ତବ ଜୀବନର ଅନୁଭୂତି ଏବଂ ପରିସ୍ଥିତକୁ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସାମଗ୍ରିକ ଜୀବନରେ ମନୋଭାବ, ମୂଲ୍ୟବୋଧ ଏବଂ ପ୍ରତିନିଧିତ୍ୱ କରିବା ଏବଂ ପରିବେଶ ପ୍ରତି ଆଚରଣ ଏବଂ ଏହାର ସଂରକ୍ଷଣ ପ୍ରତିବଦ୍ଧ ହେବ । ତେଣୁ ପରିବେଶ ଅଧ୍ୟୟନ କେବଳ ମୂଲ୍ୟବୋଧ ଶିକ୍ଷା ନୁହେଁ, ବରଂ ପରିବେଶକୁ ଏହା ସମ୍ମାନ ଜଣାଏ । ଏହା ମଧ୍ୟ ଜୀବନଶୈଳୀ ଶିକ୍ଷା ଯାହା ପିଲାର ବିଶ୍ୱପ୍ରତି ମନୋଭାବ, ଜ୍ଞାନ, ଧାରଣା ଓ ମୂଲ୍ୟବୋଧ ବିକାଶ ପାଇଁ ପ୍ରତି ପ୍ରୋତ୍ସାହନ ପ୍ରଦାନ କରିଥାଏ । ଏସବୁ ପିଲାକୁ ନିଜ ପରିବେଶର ଅନ୍ୟ ପିଲା ଏବଂ ବୟସ୍କମାନଙ୍କ ସହ କିପରି କାର୍ଯ୍ୟ କରିବାକୁ ହେବ ଏବଂ ସମ୍ମିଳିତ ହୋଇ କିପରି ଶିଖିବେ ସେ ସଂପର୍କରେ ଧାରଣା ଦିଏ ।

ପରବର୍ତ୍ତୀ ଏକକରେ ପାଠ୍ୟକ୍ରମ ଏବଂ ବିଷୟଗତ ଗଠନ ବିଷୟରେ ଅଧିକ ଜାଣିବ ।

**ନିଜ ଅଗ୍ରଗତିର ଆକଳନ - ୩**

ଶୂନ୍ୟସ୍ଥାନ ପୂରଣ କର -

କ) ପରିବେଶ ଅଧ୍ୟୟନର ପାଠ୍ୟକ୍ରମ ....................... ଭାବେ ସଂଗଠିତ ହୋଇଛି ।

ଖ) ପାଠ୍ୟକ୍ରମର ୬ଟି ମୁଖ୍ୟ ପ୍ରସଙ୍ଗ ହେଉଛି -

i) ii) iii)

iv) v) vi)

ଗ) ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପରିବେଶ ଅଧ୍ୟୟନ ପାଠ୍ୟକ୍ରମର ଲକ୍ଷ୍ୟ ହେଉଛି ନିଜ ଉଦ୍ୟମରେ ....................... ଭାବେ ଶିକ୍ଷଣରେ ପରିପ୍ରେକ୍ଷଣ ନିମିତ୍ତ । (ବ୍ୟକ୍ତିଗତ, ବହୁ ଗୁଣିତ, ସମନ୍ୱିତ)

ଟିପ୍ପଣୀ

## ୩.୬ - ସାରାଂଶ

ଏହି ଏକକରେ, ପରିବେଶ ଅଧ୍ୟୟନ ଅନ୍ୟ ବିଷୟଠାରୁ ଭିନ୍ନ ଓ ଏହାର ବୈଶିଷ୍ଟ୍ୟ ସଂପର୍କରେ ଜାଣିଲେ । ପରିବେଶ ଅଧ୍ୟୟନରେ ଶୈକ୍ଷିକ ବିଚାର ସଂପର୍କ ଥିବା ନିହିତାର୍ଥ ସଂପର୍କରେ ମଧ୍ୟ ପ୍ରାଥମିକ ଶିକ୍ଷା ସ୍ତରରେ "ପରିବେଶ ଅଧ୍ୟୟନ" ରେ ଫଳପ୍ରଦ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଓ ପାଠ୍ୟକ୍ରମ ବ୍ୟବସ୍ଥା ସଂପର୍କରେ ଧାରଣା ପାଇଲେ ।

ତୁମେ ଜାଣିଲ ଯେ, ପରିବେଶ ଅଧ୍ୟୟନ ଏକ ସମ୍ମିଶ୍ରିତ ବିଷୟ ଏବଂ ଅଧିକାଂଶ ବିଷୟ ସହ ଏହାର ସଂପୃକ୍ତି । ପରିବେଶ ଅଧ୍ୟୟନର ପ୍ରାସଙ୍ଗିକ ଓ ଅଂଚଳ କେନ୍ଦ୍ରିକ (ଭୌତିକ ପରିବେଶର ସମସ୍ୟା ସମାଧନ ଠିକ୍ ଭୁଲ୍ ହୋଇପାରେ) । "ପରିବେଶ ଅଧ୍ୟୟନ"ର ପ୍ରଶ୍ନର ଏକ ନିର୍ଦ୍ଦିଷ୍ଟ ଉତ୍ତର ହୋଇ ନ ପାରେ । ତେଣୁ ପରିବେଶ ଅଧ୍ୟୟନ ଶିକ୍ଷଣ ପରିବେଶ, ସଂଳାପ, ତର୍କ, ପ୍ରଶ୍ନାବଳୀକୁ ପ୍ରୋତ୍ସାହିତ କରେ । ଶିକ୍ଷାର୍ଥୀମାନଙ୍କୁ ମଧ୍ୟରେ ବିଶ୍ଳେଷଣାତ୍ମକ ଓ ସମାଲୋଚନାତ୍ମକ ଭାବନା ଦକ୍ଷତାରେ ଦୃଢୀକରଣ କରି ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରୀୟାକୁ ଫଳପ୍ରଦ କରିବା ବିଧେୟ ।

ଏହି ଏକକ ମାଧ୍ୟମରେ, ଶିକ୍ଷକ ଭାବେ ତୁମର ମୁଖ୍ୟ ଭୂମିକା ହେଉଛି, ଶିକ୍ଷାର୍ଥୀ ପାଇଁ ତୁମେ ସହାୟକ ଏବଂ ନିଜ ସହ-ଶିକ୍ଷାର୍ଥୀ ମଧ୍ୟ । ତୁମେ କେବଳ ଶିକ୍ଷାର୍ଥୀମାନଙ୍କୁ ନିଜର ଅଭିଜ୍ଞତା, ଅନୁସନ୍ଧାନ ଉଦ୍ଭାବନ ମାଧ୍ୟମରେ ଶିଖିବା ପାଇଁ ପ୍ରୋତ୍ସାହିତ କରିବ ନାହିଁ, ଶିକ୍ଷାର୍ଥୀ ମାନଙ୍କ ସହ ତୁମେ ମଧ୍ୟ ଶିଖିବେ । ଜଣେ ଆଦର୍ଶ ଶିକ୍ଷକ ଭାବେ ତୁମେ ସଚେତନଶୀଳ ହେବା ବିଧେୟ ଯେ, ମୂଲ୍ୟବୋଧ ହେଉଛି ପରିବେଶ ଅଧ୍ୟୟନର ଏକ ସମନ୍ୱିତ ଅଂଶ ତେଣୁ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ମୂଲ୍ୟବୋଧକୁ ବିଜ୍ଞତାର ସହିତ ଶ୍ରେଣୀରେ ଗୁରୁତ୍ୱ ପ୍ରଦାନ କରିବା ବିଧେୟ । ଏହାର କେତେକ ଉଦାହରଣ ବ୍ଲକ୍-୨ରେ ଦିଆଯାଇଛି ।

ଏହି ଏକକ ପଢି ପରିବେଶ ଅଧ୍ୟୟନର ଫଳପ୍ରଦ ଶିକ୍ଷାଦାନ-ଶିକ୍ଷଣ ପାଇଁ ଶୈକ୍ଷିକ ବିଚାର ବୋଧ ସଂପର୍କରେ ଅବଗତ ହେଲ । ଏହି ଅଧ୍ୟାୟରେ ପ୍ରଥମେ ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ପାଠ୍ୟକ୍ରମ ବ୍ୟବସ୍ଥା ଅନ୍ୟ ବିଷୟ ଠାରୁ ଭିନ୍ନ, ପରିବେଶ ଅଧ୍ୟୟନ ପାଠ୍ୟକ୍ରମ ଭିତ୍ତିକ ଭାବେ ସଙ୍ଗଠିତ ହୋଇଛି ଏହା ଜାଣିଲ ବୋଲି ଉଲ୍ଲେଖିତ । ଏହି ଅଧ୍ୟାୟରେ ତୁମେ ଜାଣିଲ ଓ ହୃଦୟଙ୍ଗମ କଲ ଯେ ପରିବେଶ ଅଧ୍ୟୟନ ପାଠ୍ୟକ୍ରମର ବିଷୟଗତ ସଂଗଠନ ଅତ୍ୟନ୍ତ ଉପଯୁକ୍ତ ଏବଂ ଅନ୍ୟାନ୍ୟ ବୈଶିଷ୍ଟ୍ୟ ଆଧାରିତ । ଏହି ପ୍ରସଙ୍ଗ ଗୁଡିକ କିପରି ଶ୍ରେଣୀରେ ଫଳପ୍ରଦ ଭାବେ ଶିକ୍ଷାଦାନ କରାଯିବ, ସେ ସଂପର୍କରେ ମଧ୍ୟ ଅବଗତ କରାଯାଇଛି ।

ପରବର୍ତ୍ତୀ ଏକକରେ ପରିବେଶ ଅଧ୍ୟୟନ (୩-୫ ଶ୍ରେଣୀ) ପାଠ୍ୟ ପୁସ୍ତକରେ ଏସବୁ ବିଚାର ଧାରା କିପରି ପ୍ରତିଫଳିତ ହୋଇଛି ଦେଖିବା ଏବଂ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସଂପର୍କରେ ଜାଣିବା ପାଇଁ ମଧ୍ୟ ଅଧିକ ସୁଯୋଗ ପାଇବା ।

## ୩.୭ ନିଜ ଅଗ୍ରଗତିର ଆକଳନ ପାଇଁ ଆଦର୍ଶ ଉତ୍ତର

### ନିଜ ଅଗ୍ରଗତି ଆକଳନ -୧

କ) ଭୂଲ୍ ଖ) ଭୂଲ୍ ଗ) ଠିକ୍ ଘ) ଭୂଲ୍ ଙ) ଠିକ୍

ଟିପ୍ପଣୀ

### ନିଜ ଅଗ୍ରଗତି ଆକଳନ -୨

ବୟସ୍କ ମାନଙ୍କଠାରୁ ଭିନ୍ନ ଭାବେ

### ନିଜକୁ ନିଜେ ପରଖିବା -୩

କ) ସାମଗ୍ରିକ (Holistic)

ଖ) (i) ପରିବାର ଓ ବନ୍ଧୁ

(ii) ଖାଦ୍ୟ

(iii) ଆଶ୍ରୟ ସ୍ଥଳୀ

(iv) ଜଳ

(v) ଭ୍ରମଣ

(vi) ଜିନିଷ ପ୍ରସ୍ତୁତ କରିବା ଓ କରିବା

### ୩.୮ - ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- http://www.mceecdya.edu.au/verve/_resources/effectivelearningissues08_file.pdf accessed in August 2011
- http://web.mac.com/sharondeleon/FC/CDES_115_files How%20Do%20Children%20 Learn.pdf; accessed in August 2011
- NCERT (2005) National Curriculum Framework 2005, New Delhi
- Syllabus for classes at the Elementary Level, NCERT, New Delhi.
- Shivani Jain and Shefali Atrey , Centre for Environment Education, India; An Innovative Approach to Biodiversity Conservation Education; Journal of Biological Sciences; September 2011; International Union for Biological Sciences
- NCERT, 2005, Habitat and Learning, NCERT, New Delhi
- www.moef.nic.in
- www.ceeindia.org
- www.paryavaranmitra.in
- http://moef.nic.in/divisions/ee/ngc/index_ngc.html
- www.ncert.nic.in
- www.atozteacherstuff.com (for thematic unit plans)

ଟିପ୍ପଣୀ

## ୩.୯ - ପାଠାନ୍ତ ପ୍ରଶ୍ନାବଳୀ

୧. ଶିକ୍ଷଣ ପ୍ରକ୍ରିୟାକୁ ଅନ୍ୟାନ୍ୟ ବିଷୟ ସହ କିପରି ତୁଳନା କରାଯାଇପାରିବ ? ସମନ୍ୱିତ ବିଷୟ ଭାବେ ପରିବେଶ ଅଧ୍ୟୟନରେ ବୈଶିଷ୍ଟ୍ୟ ତାଲିକା ପ୍ରସ୍ତୁତ କର ଓ ଉପସ୍ଥାପନ କର ?

୨. ଏହି ଏକକ ପଢ଼ି ପିଲାମାନଙ୍କ ସହିତ କାର୍ଯ୍ୟକରି ତୁମେ ଯେଉଁ ଅନୁଭୂତି ପାଇଛ ତାକୁ ଏବଂ ଏହି ଏକକରେ ଯାହା ବର୍ଣ୍ଣନା କରାଯାଇଛି ତାହା ଆଧାରରେ କୁହ କେଉଁ ଶୈକ୍ଷିକ ବିଚାରଗୁଡ଼ିକ ପରିବେଶ ଅଧ୍ୟୟନରେ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟା ଫଳପ୍ରଦ ହେବ ଓ କାହିଁକି ?